ଧରିତ୍ରୀ
DHARITRI
June 16-22, 2024 ₹ 2/-

ଧରିତ୍ରୀ 50 Years

# ଛୁଟିଦିନ


ପ୍ରଚ୍ଛଦ ପ୍ରସଙ୍ଗ

୪

# ବାପାଙ୍କ ପାଇଁ...



ନିଜର ଆଶା ଆକାଂକ୍ଷା ଓ ସ୍ୱପ୍ନକୁ ଭୁଲି ଯିଏ ପିଲାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଦିନରାତି ଏକ କରି ଦିଅନ୍ତି, ସେ ହେଲେ ବାପା । ହେଲେ ଏମିତି ବି କେତେଜଣ ସନ୍ତାନ ଅଛନ୍ତି ଯିଏ କି ନିଜ ବାପାଙ୍କ ଇଚ୍ଛା ଓ ସ୍ୱପ୍ନକୁ ପୂରଣ କରିବାକୁ ଜୀବନର ବ୍ରତ କରିନେଇଛନ୍ତି...



# ସାହସର ଅନ୍ୟ ନାଁ ବାପା

**ନିଜ ଗେ' ପୁଅ ପାଇଁ ଗର୍ବ କରୁଥିବା ବାପା:** 'ସନ୍ତାନ ଜନ୍ମକରି ଯେ କେହି ବାପା ହୋଇପାରନ୍ତି, ହେଲେ ପିତାଧର୍ମ ପାଳନ କରି ପ୍ରକୃତ ବାପା ହେବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ଆଉ ମୋ ବାପା ହେଉଛନ୍ତି ପ୍ରକୃତରେ ଜଣେ ଆଦର୍ଶ ବାପା।' ଏ କଥା କୁହନ୍ତି ସୁଶାନ୍ତ ଦିବଗିକର୍ ଓରଫ୍ ରାଣୀ କୋ-ହି-ନୂର। ଯେ କି ଭାରତର ଜଣେ ପ୍ରସିଦ୍ଧ ଡ୍ରାଗ୍ କ୍ୱିନ୍(ମହିଳା ବେଶ ଧାରଣକରି ମନୋରଞ୍ଜନ କରୁଥିବା ବ୍ୟକ୍ତି)ଭାବେ ପରିଚିତ। ଏହାବାଦ୍ ସେ ଏକାଧାରରେ ଜଣେ ମଡେଲ, ଅଭିନେତା, ସିଙ୍ଗର, ସମ୍ଭକାର, ମୋଟିଭେଶନାଲ ସ୍ପିକର, ବ୍ୟୁଟି ପେଜାଣ୍ଟ ଡାଇରେକ୍ଟର ଓ ଭିଡିଓ ଜକି। ୨୦୧୪ରେ ସେ ମିଷ୍ଟର ଗେ' ଇଣ୍ଡିଆରେ ବିଜୟୀ ହେବା ପରେ ମିଷ୍ଟର ଗେ' ୱାର୍ଲଡରେ ପ୍ରଥମ ଭାରତୀୟଭାବେ ତିନୋଟି ବ୍ୟକ୍ତିଗତ ସବ୍‌ଟାଇଟଲ ଓ ୨ଟି ଗ୍ରୁପ୍ ସବ୍‌ଟାଇଟଲ ଜିତିଥିଲେ। ୨୦୧୮ରେ ସାରେଗାମାପାରେ ଗୋଲ୍ଡେନ ବଜର୍ ଜିତି ଟପ୍ ୧୫ରେ ପ୍ରବେଶ କରି ଚର୍ଚ୍ଚାକୁ ଆସିଥିଲେ। ବିଗବସ୍ ୮ ସିଜନ୍‌ରେ ଅଂଶଗ୍ରହଣ କରିଥିଲେ। ଟିଭି କ୍ୟାରିୟର ୟୁଟିଭି ବିନ୍ଦସ୍‌ରେ ପ୍ରସାରିତ ବିଗ୍ ସ୍ୱିଚ୍ ସିଜନ ୩ରୁ ହୋଇଥିଲା। ତେବେ ଏତେ ପ୍ରସିଦ୍ଧି ପାଇବା ଓ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିପାରିବା ପଛରେ ସେ ନିଜ ବାପା ପ୍ରଦୀପ ଦିବଗିକର୍‌ଙ୍କୁ ଶ୍ରେୟ ଦିଅନ୍ତି। ସୁଶାନ୍ତ କୁହନ୍ତି, ' ମୋ ବାପା ସବୁବେଳେ ମୋ ପଛରେ ଶକ୍ତ ପାଚେରି ପରି ଠିଆହୋଇ ଆଗକୁ ବଢ଼ିବାର ରାସ୍ତା ଦେଖାଇଛନ୍ତି। ସେ ଖୁବ୍ ଗର୍ବର ସହ ମୋ ସହିତ ସବୁ ଏଲଜିବିଟିକ୍ୟୁ ପରେଡରେ ସାମିଲ ହୁଅନ୍ତି। ନିଜ ପୁଅ ପାଇଁ ଗର୍ବିତ ବୋଲି ପ୍ଲା କାର୍ଡ ଧରି ବୁଲନ୍ତି, ଯାହାକି ସମସ୍ତଙ୍କ ପକ୍ଷେ କରିବା ସମ୍ଭବ ନୁହେଁ। ସାଧାରଣତଃ ଯେବେ ପିଲାଟିଏ ଗେ' ବୋଲି ଜଣାପଡ଼େ ପରିବାର ଲୋକେ ତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ଫଳରେ ପିଲାଟିକୁ ପରିବାର ଛାଡ଼ି ଆସିବାକୁ ହୁଏ ନିଜ ପରିଚୟ ନିଜେ ଗଢ଼ିବା ପାଇଁ। ହେଲେ ମୋ ବାପା ଯେବେ ପ୍ରଥମେ ମୋ ସମ୍ପର୍କରେ ଜାଣିଲେ ତାଙ୍କ ପ୍ରତିକ୍ରିୟା ଥିଲା ଭିନ୍ନ। କଥା କ'ଣ କି ମୁଁ ମୋର ସବୁକଥା ମୋ ବଡ଼ଭାଇକୁ କହେ। ଆଉ ମୋ ବଡ଼ଭାଇ କେଉଁ କଥାକୁ ଲୁଚାଇ ରଖିପାରେନା। ସେ ଥରେ ଯାଇ ବାପାଙ୍କୁ କହିଲା- ବାପା, ସୁଶାନ୍ତ ଆମ ତମ ଭଳି ସାଧାରଣ ମଣିଷ ନୁହେଁ। ସେ ଗେ' ପାର୍ଟି ଆଟେଣ୍ଡ କରେ। ଏକଥା ଶୁଣି ବାପା ପ୍ରଥମେ ତ କିଛି ବୁଝିପାରିଲେନି। ଏ କଥା ସତ ନା ମିଛ ଭାବିପାରିଲେନି। ତେଣୁ ଥରେ ଆସି ସେ ମତେ ସିଧାସଳଖ ପଚାରିଲେ ତୁ ଗେ' କି? ଆଉ ମୁଁ ସଙ୍ଗେସଙ୍ଗେ ଉତ୍ତର ଦେଲି-ହଁ। ମୋ ଉତ୍ତର ଶୁଣି ପ୍ରଥମେ ତାଙ୍କୁ ଶକ୍ତ ଧକ୍କାଟିଏ ଲାଗିଲା। ହେଲେ ନିଜକୁ ସମ୍ଭାଳି ସେ ମତେ କୁଣ୍ଢାଇ ପକାଇଥିଲେ। ତା'ପରଠାରୁ ସେ ସବୁବେଳେ ମତେ ସପୋର୍ଟ ଦେବା ସହ ଆଗକୁ ବଢିବାର ସାହସ ଦେବାକୁ ଲାଗିଲେ। ମୁଁ ଏଲଜିବିଟିକ୍ୟୁଆଇଏ ଆକ୍ଟିଭିଷ୍ଟଭାବେ ରାସ୍ତାରେ ପରେଡ୍ କରେ। ବାପା ମୋ' ସହ ଯାଆନ୍ତି। ସମସ୍ତଙ୍କୁ ଖୋଲାଖୋଲି ଜଣାନ୍ତି ଯେ, ମୁଁ ତାଙ୍କ ପୁଅ ବୋଲି ସେ ଗର୍ବିତ। ତାଙ୍କର ଏହି ସପୋର୍ଟ ପାଇଁ ହିଁ ଆଜି ମୁଁ ଭାରତର ଜଣେ ପ୍ରସିଦ୍ଧ ଡ୍ରାଗ୍ କ୍ୱିନ୍‌ର ପରିଚୟ ପାଇବା ସହ ମଡେଲିଂ ଜଗତରେ ନାଁ କରିପାରିଛି, ଅଭିନେତା, ସମ୍ଭକାର, ଗାୟକ, ବ୍ୟୁଟି ପାଜେଣ୍ଟ ଡାଇରେକ୍ଟର ହୋଇପାରିଛି।'


ବାପାଙ୍କ ସହ ସୁଶାନ୍ତ ଦିବଗିକର୍


ସୁଶାନ୍ତ

ବାପା! ମୁହଁ ଖୋଲି ଅନ୍ତରର ଭଲ ପାଇବାକୁ ଦେଖାଇପାରନ୍ତିନି ସତ। ହେଲେ ସନ୍ତାନ ତାଙ୍କ ପାଇଁ ସବୁକିଛି। ଆଉ ସନ୍ତାନ ପାଇଁ ବାପା ସାହସର ଆଉ ଏକ ନାଁ। ସେ ଥିଲେ ସାଥିରେ ପିଲା ମନରେ ଆସେ ସତସିଂହର ବଳ। କାରଣ ସେ ହିଁ ଶକ୍ତ ସୁରକ୍ଷା କବଚ ସାଜି ଆଗକୁ ବଢ଼ିବାର ରାସ୍ତା ଦେଖାଇଥାନ୍ତି...

**ଝିଅକୁ ବ୍ୟାଣ୍ଡ ବାଜା ବଜାଇ ଶାଶୁଘରୁ ଫେରାଇ ଆଣିଲେ ବାପା:** ବାହାଘର ପରେ ଝିଅ ପାଇଁ ତା' ଶାଶୁଘର ହିଁ ସବୁକିଛି। ସେଇଠି ସେ ପରକୁ ଆପଣାର କରିବ। ଯେତେ କଷ୍ଟ ହେଲେ ବି ସବୁକିଛି ସହି ସେଇଠି ଶେଷ ନିଃଶ୍ୱାସ ଛାଡ଼ିବ। ଏଇ ପ୍ରଥା ଆମ ସମାଜରେ ରହି ଆସିଛି କାହିଁ କେଉଁକାଳରୁ। ସେଇଥିପାଇଁ ତ ଶାଶୁଘରୁ ଯଦି ଝିଅଟିଏ ବାପଘରକୁ ଚାଲିଆସେ ସମାଜ ସେମାନଙ୍କୁ କହେ ନାନା କଥା। ତେବେ ଏଇ ନିକଟରେ ଝାଡ଼ଖଣ୍ଡ, ରାଞ୍ଚିରେ ଦେଖିବାକୁ ମିଳିଛି ଏହି ସାମାଜିକ ରୀତିନୀତିର ବିପରୀତ ଏକ ଘଟଣା। ପ୍ରେମ୍ ଗୁପ୍ତା ନାମକ ଜଣେ ବ୍ୟକ୍ତି ଝିଅ ସାକ୍ଷୀକୁ ବିବାହ କରାଇଥିଲେ ଆସିଷ୍ଟାଣ୍ଟ ଇଞ୍ଜିନିୟର ସଚିନ କୁମାରଙ୍କ ସହ। ହେଲେ ବିବାହର କିଛିଦିନ ପରେ ହିଁ ସଚିନ ଓ ତାଙ୍କ ମା'ବାପା ସାକ୍ଷୀଙ୍କୁ ମାରପିଟ କରିବା ଆରମ୍ଭ କରିଦେଲେ। ବେଳେବେଳେ ତ ସାକ୍ଷୀଙ୍କୁ ଘରୁ ବାହାର କରିଦେଉଥିଲେ। ଏହା ଭିତରେ ସାକ୍ଷୀ ଜାଣିବାକୁ ପାଇଲେ ସଚିନ ପୂର୍ବରୁ ଦୁଇଥର ବିବାହ କରିଛନ୍ତି। ଏ ସମ୍ପର୍କରେ ସେ ବାପାଙ୍କୁ ଜଣାଇଲେ। ପ୍ରଥମେ ପ୍ରେମ ଗୁପ୍ତା ସବୁକିଛି କିଭଳି ସମାଧାନ ହେବ ସେଥିପାଇଁ ଝିଅର ଶାଶୁଘର ଲୋକଙ୍କ ସହ କଥା ହେଲେ। କିନ୍ତୁ ଯେତେବେଳେ କିଛି ସମାଧାନ ନ ବାହାରିଲା ବାଧହୋଇ ସାକ୍ଷୀ ଡିଭୋର୍ସ ପାଇଁ ପିଟିଶନ ଦାଖଲ କଲେ। ଏହାପରେ ଝିଅ ଯେମିତି ଶାଶୁଘରେ ଅଧିକ ଅତ୍ୟାଚାରିତ ନ ହେଉ ସେଥିପାଇଁ ପ୍ରେମ ଗୁପ୍ତା ବ୍ୟାଣ୍ଡ ବାଜା ନେଇ ଗତବର୍ଷ ନବରାତ୍ରର ପ୍ରଥମ ଦିନରେ ଝିଅ ଶାଶୁଘରକୁ ଯାଇଥିଲେ। ଆଉ ଝିଅକୁ ସସମ୍ମାନେ ବାଜା ବଜାଇ, ବାଣ ଫୁଟାଇ ଘରକୁ ଫେରାଇ ଆଣିଥିଲେ। ଏହାର ଭିଡିଓ ପ୍ରେମ ଗୁପ୍ତା ନିଜେ ସୋସିଆଲ ମିଡିଆରେ ଶେୟାର କରିଥିଲେ। ସମାଜରେ ପ୍ରଥମ ଥର ପାଇଁ ଘଟିଥିବା ଏଭଳି ଘଟଣାକୁ ଦେଖି ଲୋକେ ବହୁତ ପ୍ରଶଂସା କରୁଛନ୍ତି। ଏହି ଘଟଣା ନିଶ୍ଚିତଭାବେ ସମାଜ ପାଇଁ ଏକ ଦୃଷ୍ଟାନ୍ତ।

ସତରେ ବାପା ଥିଲେ ଲାଗେ ସବୁକିଛି ଯେମିତି ହାତପାଆନ୍ତାରେ। ଆଉ ଦୁର୍ଗମ ରାସ୍ତା ବି ହୋଇଯାଏ ସୁଗମ।


ବାପାଙ୍କ ସହ ସାକ୍ଷୀ



# ବାପାଙ୍କ ପାଇଁ


ରାକେଶ ପଞ୍ଚାଲ





ଉପରେ କଠୋର ହୋଇଥାନ୍ତି କିନ୍ତୁ ଭିତରେ ଥାଏ ତାଙ୍କର ପିଲାଙ୍କ ପାଇଁ ଅନେକ ସ୍ନେହ ଆଉ ଭଲପାଇବା। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେ ଅବିଶ୍ରାନ୍ତ ଖଟି ଚାଲନ୍ତି। ନିଜର ଯେ କିଛି ଖୁସି ଅଛି, କିଛି ଆକାଂକ୍ଷା ଅଛି ତାହା ସେ ଭୁଲିଯାନ୍ତି। ମୁଣ୍ଡଝାଳ ତୁଣ୍ଡରେ ମାରି ଯାହା କିଛି ଉପାର୍ଜନ କରନ୍ତି ସେସବୁକୁ ସାରି ଦିଅନ୍ତି ପିଲାଙ୍କ ଇଚ୍ଛାକୁ ପୂରଣ କରିବା ପାଇଁ। ପ୍ରତି ମୁହୂର୍ତ୍ତରେ ପିଲାଙ୍କ ପାଇଁ ଢାଲ ସାଜି ଯିଏ ଆଗରେ ଠିଆ ହୋଇଥାନ୍ତି ସେ ଆଉ କେହି ନୁହନ୍ତି , ସେ ହେଲେ ବାପା। ଆଉ ସେହି ବାପାଙ୍କର ଯେ କିଛି ସ୍ୱପ୍ନ ଅଛି କିଛି ଆଶା ଅଛି ; ଯାହାକୁ ପୂରଣ କରିବା ପ୍ରତ୍ୟେକ ପିଲାଙ୍କର କର୍ତ୍ତବ୍ୟ। ଏଠାରେ ସେମିତି କେତେଜଣ ପିଲାଙ୍କ ସମ୍ପର୍କରେ ଉଲ୍ଲେଖ କରାଗଲା ; ଯେଉଁମାନେ ବାପାଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଏମିତି କିଛି କାମ କରିଯାଇଛନ୍ତି, ଯାହା ଅନ୍ୟମାନଙ୍କ ପକ୍ଷେ ବିରଳ...

## ବାପାଙ୍କ ଅନ୍ନଦାନ କରିବାର ଇଚ୍ଛାକୁ ପୂରଣ କରୁଛନ୍ତି ପୁଅ

ଗୁଜରାଟ ଖେଡ଼ା ଜିଲା ଅନ୍ତର୍ଗତ ଭାସୋ ଅଞ୍ଚଳର ଜଣେ ଲୋକପ୍ରିୟ ଓ ପରୋପକାରୀ ବ୍ୟବସାୟୀ ଥିଲେ ମନୁଭାଇ ପଞ୍ଚାଲ। କନଷ୍ଟ୍ରକଶନ୍ ମ୍ୟାଟେରିଆଲ୍‌ର ସେ ବ୍ୟବସାୟ କରୁଥିଲେ। ମେଳାପୀ ସ୍ୱଭାବର ମନୁଭାଇ ଯେତେବେଳେ କୌଣସି ଅସହାୟ ଲୋକଙ୍କୁ ଦେଖୁଥିଲେ ତାଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବାକୁ ଆଗେଇ ଆସୁଥିଲେ। ତା'ଛଡ଼ା ପଥଚାରୀଙ୍କ ପିଇବା ପାଇଁ ନିଜ ଦୋକାନ ସାମ୍ନାରେ ଗୋଟିଏ ସଫା ମାଠିଆରେ ଥଣ୍ଡା ପାଣି ଭର୍ତ୍ତିକରି ରଖିବା ତାଙ୍କର ନିତିଦିନିଆ ଅଭ୍ୟାସ ଥିଲା। ତାଙ୍କର ଏହି ପରୋପକାର ଗୁଣ ପାଇଁ ଆଖପାଖ ଅଞ୍ଚଳରେ ତାଙ୍କୁ ସମସ୍ତେ ଭଲ ପାଉଥିଲେ ଆଉ ସମ୍ମାନ କରୁଥିଲେ। ମନୁଭାଇଙ୍କର ରାକେଶ ପଞ୍ଚାଲ ନାମରେ ଜଣେ ପୁଅ ଥିଲେ ; ଯିଏକି ମୁମ୍ବାଇରେ ସାମ୍ବାଦିକତା କରୁଥିଲେ। ବୟସ ହୋଇଯିବାରୁ ଏକାକୀ ବ୍ୟବସାୟ କଥା ବୁଝାବୁଝି କରିବାକୁ ମନୁଭାଇଙ୍କୁ କଷ୍ଟ ହେଲା। ଦେହ ବି ତାଙ୍କର ଆଉ ଭଲ ରହିଲା ନାହିଁ। ବାପାଙ୍କ ଦେହ ଅସୁସ୍ଥ ହେବା କଥା ଖବର ପାଇ ରାକେଶ ଚାକିରି ଛାଡ଼ି ନିଜ ଘରକୁ ଫେରିଆସିଲେ। ଆଉ ବାପାଙ୍କ ସହ ମିଶି ତାଙ୍କ ବ୍ୟବସାୟ ସମ୍ଭାଳିବାକୁ ଲାଗିଲେ। ପ୍ରାୟ ତିନିବର୍ଷ ବାପାଙ୍କ ସହ କାମ କରିବା ଭିତରେ ବାପାଙ୍କର ପରୋପକାରୀ ଗୁଣ ପ୍ରତି ସିଏ ଆକୃଷ୍ଟ ହୋଇଥିଲେ। ମନୁଭାଇଙ୍କର ବହୁତ ଦିନରୁ ଗୋଟେ ଇଚ୍ଛା ଥିଲା, କିଛି ଗରିବ ଲୋକଙ୍କୁ ପ୍ରତିଦିନ ମାଗଣା ଭୋଜନ କରାଇବା ପାଇଁ ; ଯେଉଁଟାକି ସେ କରିପାରି ନଥିଲେ। ପୁଅ ଏବେ ପାଖରେ ରହୁଥିବାରୁ ସେହି ଅଭିଳାଶକୁ ପୂରଣ କରିବାକୁ ତାଙ୍କର ଇଚ୍ଛା ହେଲା ଏବଂ ସିଏ ତାଙ୍କ ମନ କଥାକୁ ପୁଅ ଆଗରେ ପ୍ରକାଶ ମଧ୍ୟ କଲେ।

ପ୍ରଥମେ ପ୍ରଥମେ ରାକେଶ ଟିକେ ଅରାଜି ହେଉଥିଲେ କାରଣ ଏହା ଟିକେ ବ୍ୟୟସାପେକ୍ଷ ଥିଲା। ହେଲେ ବାପାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ସେ ପରେ ରାଜି ହୋଇଥିଲେ। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ଏଭଳି ଶୁଭକାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଅର୍ଥାତ୍ ପୁଅକୁ ନିଜ ମନକଥା କହିବାର ମାତ୍ର ୩ ଦିନ ପରେ ହିଁ ମନୁଭାଇଙ୍କର ମୃତ୍ୟୁ ହୋଇଗଲା। ବାପାଙ୍କ ମୃତ୍ୟୁରେ ବେଶ୍ ଭାଙ୍ଗିପଡିଲେ ରାକେଶ। ବାପାଙ୍କର ଶେଷ ଅଭିଳାଷକୁ କିପରି ପୂରଣ କରିବେ ସେହି ଚିନ୍ତାରେ ରହୁଥିଲେ। ତା'ରି ଭିତରେ କୌଣସି କାମ ପାଇଁ ତାଙ୍କୁ ବାରମ୍ବାର ଭାସୋ ସରକାରୀ ଡାକ୍ତରଖାନା ନିକଟକୁ ଯିବାକୁ ପଡୁଥିଲା। ସେଠାରେ ସେ ଗୋଟେ କଥା ଲକ୍ଷ୍ୟ କଲେ ଯେ, ପଡ଼ୋଶୀ ଗାଁମାନଙ୍କରୁ ଆସୁଥିବା ଗରିବ ଶ୍ରେଣୀ ରୋଗୀମାନଙ୍କ ଖାଇବା ପାଇଁ ଡାକ୍ତରଖାନା ନିକଟରେ କୌଣସି ସୁବିଧା ନାହିଁ। ଯେଉଁଥିପାଇଁ ଲୋକମାନେ ଖୁବ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗର୍ଭବତୀମାନଙ୍କୁ ବେଶି ଅସୁବିଧା ହେଉଛି। ତେଣୁ ସେ ଡାକ୍ତରଙ୍କ ପରାମର୍ଶକ୍ରମେ ସେଠାକୁ ଚିକିତ୍ସା ପାଇଁ ଆସୁଥିବା କେତେଜଣ ଗର୍ଭବତୀ ମହିଳାଙ୍କୁ ପାଖ ବଜାରରୁ ଶିରା (ସୁଜି, ଘିଅ, ଚିନି ଓ ଡ୍ରାଇ ଫ୍ରୁଟ୍ସରେ ତିଆରି ଏକପ୍ରକାର ମିଠା) କିଣିଆଣି ଖାଇବାକୁ ଦେଲେ। ପାଖାପାଖି ୧୫ ଦିନ ଏମିତି କରିବା ପରେ କ୍ରମେ ରାକେଶଙ୍କର ଏହା ଅଭ୍ୟାସରେ ପରିଣତ ହୋଇଗଲା ଆଉ ଏହି କାର୍ଯ୍ୟରୁ ତାଙ୍କୁ ଆତ୍ମସନ୍ତୋଷ ବି ମିଳିଲା। ତା'ପରେ ଆଉ ଗୋଟେ ଦିନ ରାକେଶ ଡାକ୍ତରଖାନା ପାଖରେ ଜଣେ ଅସହାୟ ବୃଦ୍ଧଙ୍କୁ ଦେଖିଲେ ; ଯିଏକି ପାଖ ଅଞ୍ଚଳରେ ରହୁଥିଲେ। ତାଙ୍କର ନିଜର ବୋଲି କେହି ନ ଥିବା ଯୋଗୁ ସେ ଦିନଟିଏ ବି ପେଟପୂରା ଖାଇବାକୁ ପାଉ ନ ଥିଲେ। ମାଗିଯାଚି ଯାହା ଅଳ୍ପ ଖାଉଥିଲେ। ତାଙ୍କ ଅବସ୍ଥା ଦେଖି ରାକେଶଙ୍କୁ ଆହୁରି ବିକଳ ଲାଗିଲା। ଡାକ୍ତରଖାନା କର୍ମଚାରୀମାନଙ୍କୁ ଯେଉଁ ବ୍ୟକ୍ତି ଜଣଙ୍କ ପ୍ରତିଦିନ ମଧ୍ୟାହ୍ନ ଭୋଜନ ଦେବା ପାଇଁ ଟିଫିନ୍ ଧରି ଆସୁଥିଲା, ତାଙ୍କୁ ଡାକି ରାକେଶ ଉକ୍ତ ବୃଦ୍ଧଙ୍କୁ ଦେଖାଇ କହିଲେ, ''ଏହି ବୃଦ୍ଧ ବ୍ୟକ୍ତିଙ୍କୁ ତୁମେ ପ୍ରତିଦିନ ଗୋଟିଏ ଟିଫିନ୍ ଦେବ, ସେ ବାବଦରେ ମୋଠାରୁ ପଇସା ନେଇଯିବ।'' କିଛିଦିନ ଏମିତି ଚାଲିବା ପରେ ଆହୁରି କେତେଜଣ ଅସହାୟ ଲୋକଙ୍କ ସଂସ୍ପର୍ଶରେ ଆସିଲେ ରାକେଶ ; ଯେଉଁମାନଙ୍କର ନିଜର ବୋଲି କେହି ନ ଥିଲେ କିମ୍ବା ବୟସାଧିକ ହେତୁ ରୋଷେଇ କରିପାରୁ ନ ଥିଲେ ଅଥବା ଦିବ୍ୟାଙ୍ଗ ହେତୁ ତାଙ୍କୁ କେହି ପଚାରୁ ନ ଥିଲେ। ଏମିତି ଅନ୍ୟଠାରୁ ଟିଫିନ୍ କିଣିଆଣି ସେମାନଙ୍କୁ ଖାଇବାକୁ ଦେବାରେ ରାକେଶଙ୍କର ଅଧିକ ଖର୍ଚ୍ଚ ହେଉଥିଲା। ତା'ସାଙ୍ଗକୁ କରୋନା ମହାମାରୀ ଆସିବା ଯୋଗୁ କଟକଣା ଭିତରେ ଆଉ ଟିଫିନ୍ କିଣି ସେମାନଙ୍କୁ ଯୋଗାଇବା ସମ୍ଭବ ହେଲାନି। ତେଣୁ ବାଧହୋଇ ରାକେଶ ନିଜେ ରୋଷେଇକରି ଉକ୍ତ ଅସହାୟ ଲୋକଙ୍କୁ ଖାଇବାକୁ ଦେବାର ନିଷ୍ପତ୍ତି ନେଲେ। ତାଙ୍କର ଏହି ପରୋପକାରୀ ଗୁଣ ଦେଖି ସାହାଯ୍ୟ କରିବାକୁ ତାଙ୍କର କିଛି ବନ୍ଧୁ ମଧ୍ୟ ଆଗେଇଆସିଲେ। ଯଦ୍ୱାରା ସେମାନେ ଆହୁରି ଅଧିକ ଅସହାୟ ଲୋକଙ୍କୁ ଖାଇବା ଯୋଗାଇବାରେ ସକ୍ଷମ ହେଲେ। କିନ୍ତୁ ପ୍ରତିଦିନ ଶତାଧିକ ଲୋକଙ୍କୁ ପେଟପୂରା ଖାଇବାକୁ ଦେବାରେ ଖର୍ଚ୍ଚ ଅଧିକ ହେଉଥିବା ଯୋଗୁ ରାକେଶ ଟିକେ ଚିନ୍ତାରେ ଥିଲେ। ଏହାକୁ ଲକ୍ଷ୍ୟକରି ତାଙ୍କର ଜଣେ ବନ୍ଧୁ ତାଙ୍କୁ ଏକ ଚାରିଟେବଲ୍ ଟ୍ରଷ୍ଟ କରିବାକୁ ପରାମର୍ଶ ଦେଲେ। ବାସ୍ ତା'ପରେ ରାକେଶଙ୍କ ଦ୍ୱାରା ଆରମ୍ଭ ହେଲା, ଭିସାମୋ ସାର୍ବଜନିକ ଚାରିଟେବଲ୍ ଟ୍ରଷ୍ଟ ଭାସୋ'। ଭିସାମୋ ନାଁ ଏଥିପାଇଁ ଦେଲେ, କାରଣ ରାକେଶ ନିଜ ବାପାଙ୍କର ଅନ୍ତିମ ସଂସ୍କାର କରିବା ପାଇଁ ଯେଉଁ ଶ୍ମଶାନ ଘାଟକୁ ନେଇଥିଲେ ସେଠାରେ ଲେଖାଥିଲା ଭିସାମୋ, ଯାହାର ଅର୍ଥ ହେଲା ଆରାମସ୍ଥଳ। ତେଣୁ ସେ ଏହି ନାଁରେ ଟ୍ରଷ୍ଟ କରି ଅସହାୟ, ଗରିବ, ବୃଦ୍ଧମାନଙ୍କୁ ପେଟପୂରା ଖାଇବାକୁ ଦେଇ ସେମାନଙ୍କୁ ଆରାମ ପ୍ରଦାନ କରିବାକୁ ଚାହିଁଲେ। ଆଉ ଆଜିକା ସମୟରେ ଉକ୍ତ ଟ୍ରଷ୍ଟ ସହାୟତାରେ ରାକେଶ ଆଖପାଖ ୪/୫ଟି ଗାଁର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଅସହାୟ ଲୋକମାନଙ୍କ ପାଖରେ 'ଭିସାମୋ ଟିଫିନ୍ ସେବା' ଜରିଆରେ ଅର୍ଥାତ୍ ଟିଫିନ୍‌ରେ ଭାତ, ଡାଲି, ରୁଟି, ତରକାରି ଆଦି ଭର୍ତ୍ତିକରି ସୁବିଧାରେ ନେଇ ପହଞ୍ଚାଇ ଦେଉଛନ୍ତି। ଆଉ ଏହି କାମରେ ତାଙ୍କୁ ସାହାଯ୍ୟ କରିବା ପାଇଁ ପ୍ରାୟ ୧୮ ଜଣ କର୍ମଚାରୀ ବି ତାଙ୍କ ପାଖରେ କାମ କରୁଛନ୍ତି। ତା'ସହିତ ଟିଫିନ୍ ନବାଆଣିବା ପାଇଁ କେତୋଟି ଭ୍ୟାନ୍ ବି ସେ ରଖିଛନ୍ତି। ଏ ନେଇ ରାକେଶ କୁହନ୍ତି, ''ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୋତେ ଏହି କାମ

→



କରିବାକୁ ପ୍ରେରଣା ମିଳିଥିଲା। କାରଣ ବାପା ସବୁବେଳେ ଗୋଟେ କଥା କହୁଥିଲେ, କାମ କରି ଟଙ୍କା ରୋଜଗାର କରିବା ପ୍ରାୟ ସମସ୍ତଙ୍କ ଭାଗ୍ୟରେ ଥାଏ କିନ୍ତୁ ଅସହାୟ ଲୋକଙ୍କୁ ସାହାଯ୍ୟ କରି ତାଙ୍କ ଆଶୀର୍ବାଦ ପାଇବା ସଭିଙ୍କ କପାଳରେ ଲେଖା ନ ଥାଏ। ଜଣାନାହିଁ ମୁଁ ଏଥିରେ କେତେ ସଫଳ ହୋଇଛି କିନ୍ତୁ ମୋତେ ଏହି ଲୋକମାନଙ୍କ ପାଇଁ ଆହୁରି ଅନେକ କିଛି କରିବାର ଅଛି।''

## ବାପାଙ୍କ ଶେଷଇଚ୍ଛା ପୂରଣ ପାଇଁ ଜମି ଦାନକଲେ ଝିଅପୁଅ

ଉତ୍ତରାଖଣ୍ଡର ଉଦ୍ଧମସିଂହ ନଗର ଜିଲା ଅନ୍ତର୍ଗତ ଏକ ଛୋଟ ସହର ହେଉଛି କାଶୀପୁର। ଏହି ଅଞ୍ଚଳରେ ବ୍ରଜନନ୍ଦନ ପ୍ରସାଦ ରସ୍ତୋଗୀ ନାମଧାରୀ ଜଣେ ବ୍ୟକ୍ତିଙ୍କର ପ୍ରାୟ ଦୁଇ ଏକରରୁ ଅଧିକ ଚାଷଜମି ଥିଲା। ଆଉ ସେହି ଚାଷଜମିଠାରୁ ଅଳ୍ପ କିଛି ଦୂରରେ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ଇଦ୍‌ଗାହରେ ଏକାଠି ହୋଇ ରମଜାନ୍, ଇଦ୍ ଓ ବକ୍‌ରିଦ୍ ସମୟରେ ସମୂହ ନମାଜ ପଢୁଥିଲେ। କିନ୍ତୁ ନମାଜ ଯେଉଁଠାରେ ପଢ଼ାଯାଉଥିଲା ସେହି ସ୍ଥାନଟି ଛୋଟ ହୋଇଥିବା ଯୋଗୁ ସେମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏହି କଥାକୁ ହୃଦୟଙ୍ଗମ କରି ବ୍ରଜନନ୍ଦନ ନିଜର ଚାଷଜମିକୁ ଇଦ୍‌ଗାହ ପାଇଁ ସେମାନଙ୍କୁ ଦାନ କରିଦେବାକୁ ଚାହୁଁଥିଲେ। ଏହି କଥାକୁ ସେ ନିଜର ଜଣେ ଅତି ଘନିଷ୍ଠ ସମ୍ପର୍କୀୟଙ୍କୁ ମଧ୍ୟ କହିଥିଲେ। ହେଲେ ନିଜ ପିଲାମାନଙ୍କୁ ତାଙ୍କର ଏହି ଇଚ୍ଛା ବିଷୟରେ ଜଣାଇବା ପୂର୍ବରୁ ହିଁ ସେ ଆଖି ବୁଜିଦେଲେ। ୨୦୦୩ ଜାନୁଆରୀରେ ବ୍ରଜନନ୍ଦନଙ୍କ ଦେହାନ୍ତ ହୋଇଗଲା। ବାପାଙ୍କ ଦେହାନ୍ତ ହେବାର ୧୮/୧୯ ବର୍ଷ ପରେ ଯେତେବେଳେ ତାଙ୍କର ଦୁଇ ଝିଅ ସରୋଜ ଓ ଅନିତା (ଯେଉଁମାନେ ମିରଟ ଓ ଦିଲ୍ଲୀରେ ନିଜ ପରିବାର ନେଇ ରହୁଥିଲେ) ନିଜ ବାପାଙ୍କର ଶେଷଇଚ୍ଛା ସମ୍ପର୍କରେ ଅବଗତ ହେଲେ, ସେମାନେ ସଙ୍ଗେସଙ୍ଗେ କାଶୀପୁରରେ ରହୁଥିବା ସେମାନଙ୍କ ଭାଇ ରାକେଶଙ୍କ ସହ ଯୋଗାଯୋଗ କଲେ। ଆଉ ବାପାଙ୍କର ଅନ୍ତିମ ଇଚ୍ଛା ବିଷୟରେ ତାଙ୍କୁ ସବୁ ଜଣାଇଲେ। ଭଉଣୀମାନେ ବାପାଙ୍କ ଇଚ୍ଛାକୁ ପୂରଣ କରିବା ପାଇଁ ଉକ୍ତ ଜମିକୁ ଦାନ କରିବାକୁ ରାଜିଥିବା ଜାଣି ରାକେଶ ବି ସେଥିରେ ସହମତି ଦେଲେ। ଶେଷରେ ଉକ୍ତ ଜମିଟି ଇଦ୍‌ଗାହ ପାଇଁ ଦାନ କରିଦିଆଗଲା ; ଯାହାକି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହେବା ସହ ସେଠାକାର ମୁସ୍‌ଲିମ୍ ସମ୍ପ୍ରଦାୟ ଲୋକମାନଙ୍କର ମନ ଜିଣିନେଲା। ଆଉ ସମସ୍ତେ ଏହି ଭାଇଭଉଣୀଙ୍କୁ ଖୁବ୍ ପ୍ରଶଂସା କଲେ। ଏ ନେଇ ଭାଇ ରାକେଶ ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଲେ, 'ବାପାଙ୍କର ଏମିତି ଏକ ଇଚ୍ଛା ଥିଲା ବୋଲି ମୋତେ ଆଦୌ ଜଣା ନ ଥିଲା। ଯାହା ହେଉ ଭଉଣୀମାନେ ଏକଥା ଜାଣିପାରି ବାପାଙ୍କ ଶେଷଇଚ୍ଛାକୁ ପୂରଣ କରିବାରେ ସାହାଯ୍ୟ କରିଥିବାରୁ ମୋତେ ଖୁସି ଲାଗୁଛି ଆଉ ଭଉଣୀମାନଙ୍କ ପାଇଁ ଗର୍ବ ଅନୁଭବ ହେଉଛି।''

## ବାପାଙ୍କର ଆଥ୍‌ଲେଟ୍ ହେବାର ସ୍ୱପ୍ନକୁ ପୂରଣ କରୁଛନ୍ତି ଝିଅପୁଅ

ଦେବଗଡ଼ ପୌରାଞ୍ଚଳ ବଣିଆସାହିର ରଞ୍ଜିତ କୁମାର ବାରିକ ; ପେସାରେ ଜଣେ ସେଲୁନ୍ ପରିଚାଳକ। ଦିନେ ତାଙ୍କର ସ୍ୱପ୍ନ ଥିଲା ଆଥ୍‌ଲେଟିକ୍ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାର। ସେ ନେଇ ଅନେକ ଚେଷ୍ଟା ବି କରିଥିଲେ। ବିଶେଷକରି ଲଙ୍ଗ୍ ରନ୍ ତାଙ୍କର ବେଶ୍ ଭଲ ହେଉଥିଲା। ବିନା ତାଲିମ୍‌ରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ନିଜସ୍ୱ ଉଦ୍ୟମରେ ସେ ଲଙ୍ଗ୍ ରନ୍ ଅଭ୍ୟାସ କରୁଥିଲେ। ସ୍କୁଲ୍ ଓ କଲେଜରେ ପଢୁଥିବା ସମୟରେ ପ୍ରତିବର୍ଷ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ଚାମ୍ପିୟନ ହେଉଥିଲେ। ଏପରିକି କଲେଜ କ୍ୟାରିୟରରେ ଥରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଖେଳିବାର





ଦୁଇ ଭଉଣୀ ସରୋଜ ଓ ଅନିତା



ଦୁଇ ଝିଅ ଓ ପୁତୁରା ଝିଆରୀଙ୍କ ସହ ରଞ୍ଜିତ୍ କୁମାର ବାରିକ

ସୁଯୋଗ ବି ସେ ପାଇଥିଲେ। ହେଲେ ସେତେବେଳେ ତାଙ୍କ ଅଞ୍ଚଳରେ କ୍ରୀଡ଼ାର ଏତେ ପ୍ରଚାର ପ୍ରସାର ନ ଥିଲା କି ତାଙ୍କର ନିଜର ମଧ୍ୟ ଲଙ୍ଗ୍ ରନ୍‌ରେ ଆଗକୁ କେମିତି କ୍ୟାରିୟର କରିହେବ ସେନେଇ ସେତେଟା ଜ୍ଞାନ ନ ଥିଲା। ତେଣୁ ପାଠପଢା ସହ ଖେଳରେ ମଧ୍ୟ ତାଙ୍କର ଡୋରି ବାନ୍ଧି ହୋଇଗଲା। ଦୀପ ତଳ ଅନ୍ଧାର ଭଳି ତାଙ୍କ ପ୍ରତିଭା ଏମିତି ଲୁଚିଗଲା ଯେ ତାହା ଆଉ ଲୋକଲୋଚନକୁ ଆସି ପାରିଲାନାହିଁ। ଆଥ୍‌ଲେଟ୍ ହେବାର ସ୍ୱପ୍ନ ତାଙ୍କର ସ୍ୱପ୍ନରେ ହିଁ ରହିଗଲା। ଅନ୍ୟପଟେ ଖୁବ୍ କମ୍ ବୟସରୁ ପରିବାରର ଦାୟିତ୍ୱ ତାଙ୍କୁ ବୁଝିବାକୁ ପଡ଼ିଲା। ଘର ଛାଡ଼ି ଚାକିରି କରିବା ପାଇଁ ସେ କୁଆଡ଼େ ଯାଇପାରିଲେ ନାହିଁ। ବାଧ୍ୟହୋଇ ଏକ ସେଲୁନ୍ କରି ପରିବାର ପ୍ରତିପୋଷଣ କରିବାକୁ ଲାଗିଲେ। ସମୟକ୍ରମେ ତାଙ୍କର ବାହାଘର ହେଲା ଆଉ ସେ ତିନୋଟି ସନ୍ତାନ (୨ ଝିଅ ଓ ୧ ପୁଅ)ର ଜନକ ହେଲେ। ବଡ଼ଝିଅ ଟିଶା ବାରିକଙ୍କୁ ଯେତେବେଳେ ମାତ୍ର ୪/୫ ବର୍ଷ ବୟସ ହେଲା, ପୁଣିଥରେ ରଞ୍ଜିତଙ୍କର ଅଧୁରା ରହି ଯାଇଥିବା ସେହି ସ୍ୱପ୍ନ କଥା ମନେପଡ଼ିଲା। ଯାହା ସିଏ ନ କରିପାରିଥିଲେ ତାହା ତାଙ୍କ ଝିଅ କରିକି ଦେଖାଇବ ବୋଲି ମନରେ ନୂଆ ଏକ ଆଶା ବାନ୍ଧିଲେ। ଆଉ ସେହି ଆଶାକୁ ପୂରଣ କରିବା ପାଇଁ ସେବେଠାରୁ ସେ ଝିଅକୁ ନିଜେ ଟ୍ରେନିଂ ଦେବା ଆରମ୍ଭ କଲେ। ଝିଅ ବି ଭଲ ଖେଳିଲା। କେବଳ ଟିଶା କାହିଁକି ତାଙ୍କ ପଛକୁ ରଞ୍ଜିତଙ୍କର ମଝିଆଁ ଝିଅ ନିଶା ଓ ସାନପୁଅ ଭିସା ବି ପାଠପଢା ସାଙ୍ଗକୁ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ବେଶ୍ ନାଁ କରିବାକୁ ଲାଗିଲେ। ବଡ଼ଝିଅ ଟିଶା ଷ୍ଟେଟ୍ ଲେଭଲ୍ ରେସ୍ ୱାକିଂ ପ୍ରତିଯୋଗିତାରେ ୨ଥର ଚାମ୍ପିୟନ ହେବା ସହ ଇଷ୍ଟ ଜୋନ୍ ଜୁନିୟର୍ ଆଥ୍‌ଲେଟିକ୍ ମିଟ୍‌ରେ ରେସ୍ ୱାକିଂରେ ମଧ୍ୟ ଥରେ ଚାମ୍ପିୟନ ହେଲେ। ସେହିପରି ମଝିଆଁ ଝିଅ ନିଶା ବି ୨୦୧୮ ମସିହାରୁ କ୍ରମାଗତ ଭାବେ ରେସ୍ ୱାକିଂ ପ୍ରତିଯୋଗିତାରେ ଉଭୟ ସ୍କୁଲ୍ ଓ ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ ମିଟ୍‌ରେ ଚାମ୍ପିୟନ ହୋଇଆସୁଛନ୍ତି। ତା'ସହିତ ନିଶା ୬୭ତମ ଓଡ଼ିଶା ଷ୍ଟେଟ ଜୁନିୟର୍ ଆଥେଲେଟିକ୍ ଚାମ୍ପିୟନଶିପ୍ ଅଣ୍ଡର ୧୬ ବାଳିକା ବର୍ଗରେ ୩ହଜାର ମିଟର ରେସ୍ ୱାକିଂ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇ ନୂଆ ଏକ ରେକର୍ଡ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି। କେବଳ ସେତିକି ନୁହେଁ, ୟା' ଭିତରେ ସିଏ ତିନିଥର ନ୍ୟାଶନାଲ୍ ଲେଭଲ୍‌ରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇସାରିଛନ୍ତି। ଅନ୍ୟପକ୍ଷେ ସାନପୁଅ ଭିସା ବି ସୁଇମିଂରେ ଉଭୟ ଷ୍ଟେଟ୍ ଓ ନ୍ୟାଶନାଲ୍ ଲେଭଲ୍‌ରେ ଭଲ ପ୍ରଦର୍ଶନ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ବଡ଼ଝିଅ ଟିଶା ଏବେ ମା'ବାପାଙ୍କ ପାଖରେ ଘରେ ରହି ପଢିବା ସହ ଖେଳ ଅଭ୍ୟାସ କରୁଥିବାବେଳେ ମଝିଆଁ ଝିଅ ନିଶା ଓ ତାଙ୍କ ସାନଭାଇ ଭିସା ଭୁବନେଶ୍ୱରସ୍ଥିତ ସ୍ପୋର୍ଟ୍ସ ହଷ୍ଟେଲରେ ରହି ପଢିବା ସହିତ ନିଜର କ୍ରୀଡ଼ାଭ୍ୟାସ ଜାରି ରଖିଛନ୍ତି। କେବଳ ନିଜର ତିନି ପିଲା ନୁହନ୍ତି, ସାନଭାଇଙ୍କ ପୁଅଝିଅ ଅର୍ଥାତ୍ ନିଜ ପୁତୁରା ଜିତ୍ ବାରିକ ଓ ଝିଆରୀ ରିତ୍ ବାରିକଙ୍କୁ ବି ରେସ୍ ୱାକିଂରେ ରାଜ୍ୟସ୍ତରରେ ଚାମ୍ପିୟନ୍ କରାଇବାରେ ବି ରଞ୍ଜିତଙ୍କର ଯଥେଷ୍ଟ ଅବଦାନ ରହିଛି। ଏ ନେଇ ରଞ୍ଜିତଙ୍କ ବଡ଼ଝିଅ ଟିଶା କୁହନ୍ତି, ''ଆମ ବାପା ହେଉଛନ୍ତି ଆମର ଆଦର୍ଶ। ଆଜି ଆମେ ଯାହାବି ସଫଳତା ପାଇଛୁ ଏସବୁ କେବଳ ତାଙ୍କରି ପାଇଁ ହିଁ ସମ୍ଭବ ହୋଇଛି। ଆମର ସମାଜରେ ଗୋଟେ ନାଁ ହେଉ, ଆମକୁ କିଛି ଲୋକ ଚିହ୍ନନ୍ତୁ, ଏଇଟା ହିଁ ଥିଲା ବାପାଙ୍କର ଏକମାତ୍ର ସ୍ୱପ୍ନ। ସେଥିପାଇଁ ଆମେ ଯେତିକି କଷ୍ଟ କରିଛୁ, ତା'ଠାରୁ ଯଥେଷ୍ଟ ଅଧିକ କଷ୍ଟ ସହିଛନ୍ତି ଆମ ବାପା। ପ୍ରତିଦିନ ଭୋରୁ ନିଜେ ଆଗ ଉଠି ତା'ପରେ ଆମକୁ ଉଠାଉଥିଲେ ପ୍ରାକ୍ଟିସ୍ କରିବା ପାଇଁ। ସକାଳେ ୨ ଘଣ୍ଟା ଓ ସନ୍ଧ୍ୟାରେ ଦେଢ଼ଘଣ୍ଟା ସବୁଦିନ ଆମର ପ୍ରାକ୍ଟିସ୍ ଚାଲୁଥିଲା। ଆମ ମନୋବଳ ବଢାଇବା ପାଇଁ ବାପା ବି ଆମ ସହ ପ୍ରତିଦିନ ପ୍ରାକ୍ଟିସ୍ କରୁଥିଲେ। ତା'ସହିତ ସେଲୁନ୍‌ରେ କାମକରି ଯାହା ଦି ପଇସା ରୋଜଗାର କରୁଥିଲେ ସେଥିରେ ବେଶ୍ ଖୁସିରେ ଆମର ସବୁ ଅଳିଅର୍ଦ୍ଦଳିକୁ ପୂରଣ କରୁଥିଲେ। ତେଣୁ ବାପାଙ୍କର ଏହି ଅବଦାନକୁ ଆମେ କେବେ ବି ଭୁଲିପାରିବୁନି ; ସିଏ ଆମକୁ ନେଇ ଯାହା ବି ସ୍ୱପ୍ନ ଦେଖିଛନ୍ତି ତାକୁ ପୂରଣ କରିବାକୁ ନିଶ୍ଚୟ ଚେଷ୍ଟା କରିବୁ।''

ସତରେ ଯେଉଁ ବ୍ୟକ୍ତି ଜୀବନସାରା ପିଲାମାନଙ୍କ ସ୍ୱପ୍ନକୁ ପୂରଣ କରିବାରେ ବିତାଇଦିଅନ୍ତି, ତାଙ୍କର ଯେ କିଛି ଇଚ୍ଛା ଥାଏ, ସ୍ୱପ୍ନ ଥାଏ ସେକଥା ଅନେକ ଭୁଲିଯାନ୍ତି। କିନ୍ତୁ ଯେଉଁ ସୁଯୋଗ୍ୟ ସନ୍ତାନମାନେ ଏ କଥାକୁ ହୃଦୟଙ୍ଗମ କରି ସେମାନଙ୍କ ବାପାଙ୍କର ଅଧୁରା ସ୍ୱପ୍ନକୁ ପୂରଣ କରିବାକୁ ଆଗେଇ ଆସନ୍ତି, ସେମାନେ ଏ ସମାଜ ପାଇଁ ଜଣେ ଜଣେ ଉଦାହରଣ।

**– ଅନ୍ୱିତା ମିଶ୍ର**

ତଥ୍ୟ ସହାୟତା : **ଶଶାଙ୍କ ଶେଖର ଝାଙ୍କର**



# ସେବା ମୋ ପାଇଁ ବ୍ରତ



ଦିନେ କି ଦୁଇଦିନ ନୁହେଁ ପ୍ରାୟ ୧୬ବର୍ଷ ଧରି ଯେକୌଣସି ପ୍ରତିକୂଳ ପରିସ୍ଥିତି ହେଉ ନା କାହିଁକି ସେ ଆସନ୍ନ ପ୍ରସବାଙ୍କ ପାଖରେ ପହଞ୍ଚିଯାଉଥିଲେ। କେବଳ ପହଞ୍ଚୁ ନ ଥିଲେ କେମିତି ସୁରୁଖୁରୁରେ ପ୍ରସବ ହୋଇପାରିବ ସେକଥା ଦେଖୁଥିଲେ। ଏମିତିରେ ସେ ପ୍ରାୟ ଶତାଧିକ ଗର୍ଭବତୀଙ୍କୁ ସୁରକ୍ଷିତ ପ୍ରସବ କରାଇସାରିଲେଣି। ତାଙ୍କର ସାହସ, ନିଃସ୍ୱାର୍ଥପର ସେବା ଓ କର୍ତ୍ତବ୍ୟ ପରାୟଣ ପାଇଁ ତାଙ୍କୁ ମିଳିଛି ଭାରତ ସରକାରଙ୍କ ତରଫରୁ 'ନ୍ୟାଶନାଲ ଫ୍ଲୋରେନ୍ସ ନାଇଟିଙ୍ଗେଲ' ସମ୍ମାନ। ସେ ହେଲେ ମଞ୍ଜୁଲତା ମହାରଣା। ମା' ବିନୋଦିନୀ ମାହାରଣା, ପିତା ଭଗବାନ ମହାରଣା।



ମଞ୍ଜୁଲତାଙ୍କ ପିଲାଦିନ କଟିଥିଲା ଅଜାଘର ଭୂଷଣ୍ଡପୁର ନିକଟସ୍ଥ ବାଦୁରାବରରେ। ପରେ ବିବାହ କରି ସେ ପୁରୀ ଜିଲାର ଗଡ଼ିଶାଗଦା କଳାପଦର ଗାଁକୁ ଗଲେ। ସ୍ୱାମୀ ତାଙ୍କର ପବିତ୍ର କୁମାର ସାହୁ। ମଞ୍ଜୁଲତା ପୁରୀ ଜିଲା କଣାସ ବ୍ଲକ ଅନ୍ତର୍ଗତ ସାହାସପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟରତ। ସେ କୁହନ୍ତି, ପିଲାଟିଦିନରୁ ମୋର ଜନସେବା ପ୍ରତି ଆଗ୍ରହ ଥିଲା। ଗ୍ରାଜୁଏଶନ ସାରିଲି। ୨ ବର୍ଷ ତାଲିମ୍ ସମାପ୍ତ ପରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ପ୍ରଥମେ ୨୦୦୮ ମସିହାରେ କଣାସ ଗଡ଼ସାହି ସବ୍‌ସେଣ୍ଟରରେ କାମ କଲି। ମୁଁ ସବୁ ସମୟରେ ରୋଗୀଙ୍କୁ ଆପଣାର ମନେକରି ସେବା କରେ। ଏଥିଯୋଗୁ ରୋଗୀମାନେ ମଧ୍ୟ ମତେ ଆପଣାର ଭାବନ୍ତି। ସମୟକ୍ରମେ ୨୦୧୩-୧୪ରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲେବର ରୁମ୍‌ରେ ଗର୍ଭବତୀମାନେ କିପରି ସୁରକ୍ଷିତ ଭାବେ ମାତୃତ୍ୱ ଲାଭକରିବେ ସେଥିପାଇଁ ନିଷ୍ଠାର ସହ କାମ କରୁଥିଲି। ୨୦୧୯ରେ ନିୟମିତ ମହିଳା ସ୍ୱାସ୍ଥ୍ୟକର୍ମୀ ଭାବେ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରିଲି। ସେତେବେଳେ କାଦୁଆ ଗ୍ରାମପଞ୍ଚାୟତର ସାହାସପୁର ଉପକେନ୍ଦ୍ରରେ ଜଣେ ସାଧାରଣ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରୁଥାଏ।

ମୋର ଏକ ଘଟଣା ମନେପଡ଼େ, ୨୦୨୩ରେ ଦେଖାଦେଇଥିବା ବନ୍ୟାରେ କଣାସର ଅନେକ ଅଞ୍ଚଳ ଜଳମଗ୍ନ ହୋଇଯାଇଥାଏ। ଚାରିଆଡ଼େ ପାଣି ଆଉ ପାଣି।





ରାସ୍ତାରେ ପ୍ରାୟ ୨ରୁ ୩ ଫୁଟ ପାଣିର ସୁଅ। ଏମିତି ପରିସ୍ଥିତିରେ ଗର୍ଭବତୀ ମହିଳାଙ୍କୁ ପ୍ରସବ କରାଇବା ପାଇଁ ଆନୁଷଙ୍ଗିକ ସୁବିଧା ନ ଥିବାରୁ ଅନ୍ୟ ଡାକ୍ତରମାନେ ମହିଳାଙ୍କୁ ପ୍ରସବ କରାଇବାକୁ ଭୟ କରୁଥିଲେ। ହେଲେ ଏହି ସମୟରେ ମନରେ ସାହସ ଜୁଟାଇ ସାନଓରା ଗ୍ରାମର ରିତାରାଣୀ ମହାପାତ୍ର, କଉଡ଼ିଖିଣି ଗ୍ରାମର ଅର୍ଚ୍ଚନା ମହାପାତ୍ର, ବଡ଼ାଲ ଗ୍ରାମର ସୀମା ମହାରଣା, ଝୁନା ମହାରଣା ଏବଂ ସାନଓରାରେ ରହୁଥିବା ବ୍ରହ୍ମଗିରିର ସୁମିତ୍ରା ସେଠୀ, ଗୋପୀନାଥପୁରର ସୁମିତ୍ରା ପ୍ରଧାନ ପ୍ରମୁଖଙ୍କୁ ସାହାସପୁର ଉପକେନ୍ଦ୍ରରେ ସୁରକ୍ଷିତ ଭାବେ ପ୍ରସବ କରାଇବା ସହ ଦୁଇ ଜଣଙ୍କୁ ବଡ଼ ଡାକ୍ତରଖାନାକୁ ପ୍ରେରଣ କରାଯାଇଥିଲା। ବନ୍ୟା ସମୟରେ ସାହୁପଡ଼ା, କାଦୁଆ, ଗୋପୀନାଥପୁର ପଞ୍ଚାୟତ ଅଞ୍ଚଳର ମହିଳାଙ୍କ ପାଇଁ ସର୍ବଦା ସେବାରେ ସମୟ ବିତାଉଥିଲି। ୪ ଜଣ ଗର୍ଭବତୀଙ୍କୁ ନିଜ ଉପକେନ୍ଦ୍ରରେ ରଖି ସୁରକ୍ଷିତ ଭାବେ ପ୍ରସବ କରାଇଥିବାରୁ ପୁରୀ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଓ ଚିକିତ୍ସାଧିକାରୀ ଡାକ୍ତର ସୁଜାତା ମିଶ୍ର ଏକ ସ୍ୱତନ୍ତ୍ର ଉତ୍ସବରେ ମୋତେ ସମ୍ମାନିତ କରିଥିଲେ। କେବଳ ଗର୍ଭବତୀ ମହିଳାଙ୍କ ସେବା ନୁହେଁ ଅନେକ ଅସହାୟ ବୃଦ୍ଧାବୃଦ୍ଧଙ୍କର ମଧ୍ୟ ସେବା କରିଥାଏ। ମୋର ଏହି କାର୍ଯ୍ୟଯୋଗୁ ସାହାସପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜିଲାସ୍ତରରେ ଶ୍ରେଷ୍ଠ କାୟାକଳ୍ପ ଭାବେ ପୁରସ୍କାର ପାଇଥିଲା।

ସେବାକୁ ମୁଁ ମୋ ଜୀବନର ବ୍ରତ ବୋଲି ଭାବିଛି। ଗାଁଗହଳିରେ ଗର୍ଭବତୀମାନେ କିପରି ସୁରକ୍ଷିତ ମାତୃତ୍ୱ ଲାଭ କରିପାରିବେ ସେଥିପାଇଁ ନିଷ୍ଠାର ସହ କାର୍ଯ୍ୟ କରିଆସୁଛି। ଲୋକଙ୍କ ସେବା କରୁଥିବାରୁ ସେମାନେ ମୋତେ ମନେପକାଉଛନ୍ତି। ମୋ ପ୍ରତି ସେମାନଙ୍କ ସେହ୍ନ ଶ୍ରଦ୍ଧା ବଢ଼ିଯାଇଛି। ହେଲେ ମୁଁ କେବଳ ଏଇଥିପାଇଁ ଖୁସି ଯେ, ମୁଁ ସୁରୁଖୁରୁରେ ମୋର କର୍ତ୍ତବ୍ୟ ପାଳନ କରିପାରୁଛି। ଏଯାଏ ମୁଁ ପ୍ରାୟ ୨୨୨ ଜଣଙ୍କୁ ପ୍ରସବ କରାଇସାରିଲିଣି। ଏହାବାଦ୍ କେତେକ ସାମାଜିକ ଅନୁଷ୍ଠାନ ସହିତ ବି ମୁଁ ଜଡ଼ିତ ରହିଛି।

ମୋର ନିଃସ୍ୱାର୍ଥପର ଏବଂ ନିରବଚ୍ଛିନ୍ନ ସେବା ପାଇଁ ୨୦୨୩ରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସମ୍ମାନ୍‌ଜନକ 'ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ' ପୁରସ୍କାର ଗ୍ରହଣ କରିଛି, ଯାହା ମୋତେ କାର୍ଯ୍ୟ କରିବାରେ ସବୁବେଳେ ପ୍ରେରଣା ଦେଉଛି, ମାନସିକ ଶାନ୍ତି ବି ମିଳୁଛି। ଏବେ ମୁଁ ମୋ ଅଞ୍ଚଳରେ ସମସ୍ତଙ୍କ ପ୍ରିୟ ଦିଦି ମଧ୍ୟ ହୋଇପାରିଛି।


-ବନବିହାରୀ, ବିଭୂତି ଭୂଷଣ ତ୍ରିପାଠୀ





# ବାପା





–ମାନମୟୀ ରଥ

ସେ ଆଖି ଖୋଲୁ ନ ଥିଲେ । ଡାକିଲେ ଜବାବ ଦେଉ ନ ଥିଲେ । ତାଙ୍କ ଦୁର୍ବଳିଆ ଦେହ ଯେମିତି ମିଶିଯାଉଥିଲା ବିଛଣା ଦେହରେ । ଏହି ଦିନଟି ଆସିବା ପୂର୍ବରୁ ବୋଉ ମଝିରେ ମଝିରେ ଫୋନ କରୁଥିଲା ... ବାପା ଖାଉନାହାନ୍ତିରେ କିଛି । ଖାଇବାକୁ ମଙ୍ଗୁ ନାହାନ୍ତି। ଯାହା ଖାଇଲେ ସବୁ ବାନ୍ତି ହୋଇଯାଉଛି । ମୁଁ ତୁରନ୍ତ ଛୁଟି ନେଇ ଯାଇ ପାରୁ ନ ଥିଲି। ବୋଉକୁ ବୁଝାଉଥିଲି, ଫଳ ରସ କରି ଟିକେ ପିଆ । ମେଡିସିନ ଷ୍ଟୋରରେ ଓଆର୍‌ଏସ୍ ଏନର୍ଜି ଡ୍ରିଙ୍କ୍ ମିଳୁଥିବ ଆଣିକି ଦେ । ଚିହ୍ନା ଡାକ୍ତରଙ୍କ ସହ କଥା ହୋଇ ଭୋକ ହେବାକୁ ଔଷଧ, ବଳ ହେବାକୁ ଔଷଧର ନାଁ ଲେଖିଦେଉଥିଲି ମେସେଜ ବକ୍ସରେ । କହୁଥିଲି, ଔଷଧ ଦୋକାନରେ ଦେଖେଇ କିଣି ଆଣେ । ବୁଝେଇକି ଖୁଆଇ ଦେ । ବୋଉ ମୋ କଥା ମାନୁଥିଲା । ମୁଁ କହିଛି ବୋଲି ଜାଣି ବାପା ବି ମାନିଯାଉଥିଲେ । ଝିଅମାନେ ଯିଏ ଯାହାର ଶାଶୁଘରେ। ସେମାନେ ସେମାନଙ୍କ ଘରୁଆ ଦୁଃଖକୁ ବାପାବୋଉଙ୍କୁ ଜଣେଇ ସୁଖକୁ ନିଜ ନିଜ ଘର ଭିତରେ ସାଇତି ରଖୁଥିଲେ। ବୋଉ ବୁଝିଯାଉଥିଲା। ବାପାଙ୍କୁ ବୋଉ ଭଳି ବୁଝେଇ ଦେଉଥିଲା। ଆଶ୍ରା ବୋଲି ମୁଁ , ଗୋଟିଏ ବୋଲି ପୁଅ – ବାହାରେ ଚାକିରି ଜାଗାରେ। ଯେତେବେଳେ ବି ବାପାଙ୍କ ପ୍ରିୟ ଡାଳିମ୍ବ, ସେଓ, ଅଙ୍ଗୁର, ଛେନାପୋଡ଼ ନେଇଯାଏ ସେ କଷ୍ଟେ ମଷ୍ଟେ ଉଠିବସନ୍ତି । ହାଡୁଆ ହାତରେ ଆଉଁଶି ପକାନ୍ତି । ଦୀର୍ଘଶ୍ୱାସ ଛାଡ଼ି କୁହନ୍ତି , କାହିଁକି ଆଣୁଛୁ ଏତେ ? କେଉଁ ଦେହରେ ଯାଉଛି ? ଦାନ୍ତ ନ ଥିବା ପାଟିରେ ଅସୁସ୍ଥତାର ସେ ଯେଉଁ ଦୀର୍ଘ ତାଲିକା ଶୁଣାନ୍ତି ମୁଁ ଅଧାବୁଝା ହୁଏ, ବିରକ୍ତ ହୁଏ। ତୁମେ ଯାକୁ କାହିଁ ଖାଉଛ, ତୁମେ ତାକୁ କାହିଁ କରୁଛ, ଠାକୁରଙ୍କୁ ଡାକ, ଟିଭି ଦେଖ ବୋଲି ମୁଁ ବଡ଼ ପାଟିରେ ଉପଦେଶମାନ ଅଜାଡ଼େ। ସେ କେତେ ଶୁଣନ୍ତି କେତେ ମାନନ୍ତି ବୁଝିବାକୁ କି ହିସାବ କରିବାକୁ ମୋ ପାଖରେ ସମୟ କି ଧୈର୍ଯ୍ୟ ନ ଥାଏ । ମୋର ବହୁତ ସମସ୍ୟା ଅଫିସରେ, ପିଲାଛୁଆ ହେଉନି ବୋଲି ଦାମ୍ପତ୍ୟରେ, ଘରେ ଥିବା ଲୋ ଭୋଲ୍ଟେଜ, ପାଖ ପଡ଼ୋଶୀଙ୍କ ଅଳିଆ ଫିଙ୍ଗା, ସହରରେ ଜାଗାକିଣାକୁ ନେଇ ଛୋଟ ବଡ଼ ସମସ୍ୟା ହିଁ ସମସ୍ୟା। କେଉଁ ଭଲରେ ଥାଏ ମୁଁ ? ଛୁଟିଦିନ ଖୋଜୁ ଖୋଜୁ ସମୟ ଉଡିଯାଏ ଚିଲ ଭଳି ସୁଯୋଗକୁ ଧରି ଏକ ଖେପାକରେ । ବାପା ଫୋନ କରନ୍ତି। ସବୁ ଥର ସେଇ ଏକା ପ୍ରଶ୍ନ, କେବେ ଆସିବୁ ? ମୁଁ କାମରେ ଥିଲେ ଚିଡ଼ି କୁହେ, ଏବେ ପରା ଯାଇଥିଲି। ସେ ତୁନି ପଡ଼ନ୍ତି। ଫୋନ ଆସିବା ଧୀରେ ଧୀରେ ତାଙ୍କର କମିଗଲା। ବଳ ପାଇଲାନି ଫୋନ ଧରି କଥାହେବାକୁ । ବୋଉ ଯାହା ମଝିରେ ମଝିରେ ଫୋନ କରି ବାପାଙ୍କ ବିଷୟରେ ମୋତେ ସୁହାଇଲା ଭଳି ଖବର ଦେଉଥିଲା । ଆଜି ସକାଳୁ ବୋଉର ଫୋନ । ଉଠିଲୁଣି କି ? କାଲି ରାତିରୁ ବାପା ଉଁ ଚୁଁ କିଛି କହୁନାହାନ୍ତି । ହେକୁଟିପରେ ହେକୁଟି ଆସୁଛି । ବୋଉ କଣ୍ଠ କାନ୍ଦକାନ୍ଦ, ଆତଙ୍କିତ । ‘‘ଗାଁ ଡିସ୍ପେନସାରୀକୁ ଡେରି ନ କରି ନେଇ ଯା, ମୁଁ ବାହାରୁଚି’’ କହି ଫୋନ ରଖିଲି । ବୋଉ ପାରିଲାନି ତେଣୁ ଡାକ୍ତରଖାନା ପାଖରେ ଅଧା ଡାକ୍ତର ହୋଇଥିବା ଦୋକାନୀକୁ ଡାକି ଆଣି ଦେଖେଇଲା । ନାଡି ଦେଖି ଦୋକାନିଟି କୁଆଡେ କହିଲା, ଜୀବନ ଛାଡିବ ଛାଡିବ ହେଉଛି ... ନେବ ଯଦି ବଡ଼ ଡାକ୍ତରଖାନାର ଆଇସିୟୁକୁ ନେଇଯାଅ । ଖବର ପାଇ ପହଞ୍ଚି ଯାଇଥିଲେ ପାଖ ଗାଁରେ ବାହା ହୋଇଥିବା ଝିଅମାନେ । ମୁଁ ପହଞ୍ଚିଲା ବେଳକୁ ଘରେ ଗହଳି । କାନ୍ଦୁଥିବା ଅବସ୍ଥାରେ ବୋଉ ବାପାଙ୍କୁ କହିଲା, ତୁଗୁ ଆସିଛି ଉଠ, ଆଖି ଖୋଲ। ମୁଁ ବି ହଲେଇ ଡାକିଲି । ଛାତି ଉପରେ ହାତ ଦୁଇଟିକୁ ଛନ୍ଦି ଶୋଇ ରହିଥିବା ବାପା ଖାଲି ହେକୁଟି ମାରୁଥିଲେ । ବଡ଼ ହସ୍ପିଟାଲକୁ ନେଇ ଯିବା ପାଇଁ ଆମ୍ବୁଲାନ୍ସକୁ ଫୋନ କରି ବୋଉକୁ କହିଲି



ବାପାଙ୍କୁ ଶାର୍ଟ ପେଣ୍ଟ ପିନ୍ଧା । ବାପାଙ୍କ ଅଚଳ ପ୍ରାୟ ହାତରେ ବୋଉ ଶାର୍ଟ ଗଳଉ ଗଳଉ ମୋ ଆଖି ପଡିଗଲା ବାପାଙ୍କ ହାତରେ, ଗୋଡ଼ରେ । ଏଡ଼େ ଏଡ଼େ ନଖ ! ମୁହଁଟି ତାଙ୍କର ଯେଡ଼ିକି ନୁହେଁ ପାଚିଲା ଦାଢ଼ି ତା’ର ଦିଗୁଣ। ଭାରି ଅପରିଚ୍ଛନ୍ନ ଲାଗୁଛନ୍ତି । ନଖ ନ କାଟିଲେ ଡାକ୍ତର ବିଗିଡିପାରନ୍ତି । ମୋ ଚାବି ନେଣ୍ଟାରେ ଥିବା ନେଲକଟର ଧରି ମୁଁ ବାପାଙ୍କ ନଖ କାଟି ବସିଲି । ବାପା ମନା କଲା ଭଳି ହାତ ଛାଟିଲେ । ମୁଁ ଆଶ୍ଚର୍ଯ୍ୟ ହେଲି । ବାପା ସବୁ ଜାଣି ପାରୁଛନ୍ତି ତେବେ ! ବାପାଙ୍କୁ କହିଲି, ଏଇ ନଖ ଯୋଗୁ ଯେତେକ ରୋଗ । ବୋଉକୁ ଚାହିଁ ଚିଡିକି କହିଲି, ଏଡ଼େ ଏଡ଼େ ନଖ ବର୍ଷ ବର୍ଷ ଧରି ତାଙ୍କ ହାତରେ ଅଛି ତୁ ବୁଝେଇ ଟିକେ କାଟି ଦେଇ ନ ଥାନ୍ତୁ ? ବୋଉ କାନ୍ଦୁ କାନ୍ଦୁ କହିଲା, ତୋ କୋଳକୁ ପିଲା ବକଟେ ପାଇଁ ବାପା ମାନସିକ କରିଥିଲେ। ସେଥିପାଇଁ ନଖ, ଦାଢ଼ି କାଟିବାକୁ କହିଲେ ରାଗୁଥିଲେ। ବାପାଙ୍କ ନଖ କଟା ସରିଲା କିନ୍ତୁ ଆମ୍ବୁଲାନ୍ସ ଆସିଲା ଯାଏ କଥା ଗଲାନି । ବାପା ଚାଲିଗଲେ ।

–ସେଣ୍ଟ ଜାଭିୟର୍ସ କିତ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯

# ପ୍ରବାସୀ

– ସୁଜାତା ମିଶ୍ର

ପାହାଡ଼ ନିଃସଙ୍ଗ
ନଈ ସନ୍ନ୍ୟାସିନୀ
ମୁଁ ପ୍ରବାସୀ

ଶେଷଥର ଯେବେ ପାହାଡ଼
ମୁହଁ ଲୁଚେଇ ସକ ସକ
କାନ୍ଦିଥିଲା,
ମୁଁ ବନ୍ଦ ନିଃଶ୍ୱାସରେ
ଦୌଡ଼ି ଯାଇଥିଲି ତା’ପାଖେ
ସେ ଲୁହ ଛୁପାଇଥିଲା,
ଖୁବ୍ ସ୍ନେହରେ

ଏବେ ମୁଁ ଖୁବ୍ ବୁଝେ
ତା’ କଳିଜାରେ ଥିବା
ଚୋଟ, କେମିତି ସାଇତେ
ସେ, ବିନା ଶବ୍ଦରେ

ବୁଝିଲି ସିନା, ହେଲେ
ମୁଁ ଯେ ପ୍ରବାସୀ।

– ଅହମ୍ମଦାବାଦ୍, ଗୁଜରାଟ
ମୋ: ୭୬୦୦୧୮୩୯୨୯





# ତ୍ରିପ୍ତିଙ୍କ ଡ୍ରିମ୍ ହୋମ୍

'ଆନିମଲ୍' ଫେମ୍ ତ୍ରିପ୍ତି ଡିମ୍‌ରିଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ କ'ଣ ଜାଣନ୍ତି ? ଅସଲ କଥା ହେଲା ନିକଟରେ ସେ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। କେହି କେହି ହୁଏତ ଭାବି ପାରନ୍ତି ଯେ ତାଙ୍କୁ ମନଲାଖି ଭୂମିକାଟିଏ ମିଳିଗଲା। ନା, କଥା ସେଇଆ ନୁହେଁ। ହେଲେ ବେଶ୍ କିଛି ବର୍ଷ ଧରି ସେ ଏଥିପାଇଁ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। ଆଉ ଶେଷରେ ତାକୁ ସେ ପାଇବାରେ ସଫଳ ହୋଇଛନ୍ତି। ଅର୍ଥାତ୍, ତ୍ରିପ୍ତିଙ୍କୁ ତାଙ୍କର ଡ୍ରିମ୍ ହୋମ୍ ମିଳିଯାଇଛି। ନିକଟରେ ସେ ମୁମ୍ବାଇରେ ଏକ ବିଳାସପୂର୍ଣ୍ଣ ଫ୍ଲାଟ୍ କିଣିଛନ୍ତି। ତା'ର ଦାମ୍ କେତେ ଜାଣନ୍ତି ? ୧୪କୋଟି । ଏ ନେଇ ତ୍ରିପ୍ତି କହନ୍ତି, 'କିଛି ବର୍ଷ ଧରି ମୁଁ ଏକ ମନଲାଖି ଘରଟିଏ କିଣିବାକୁ ପ୍ଲାନିଂ କରୁଥିଲି। ହେଲେ ହଠାତ୍ ମୋତେ ମୁମ୍ବାଇରେ ଏପରି ଏକ ଘର ମିଳିଗଲା ଯେ, ତାହାକୁ ନ କିଣି ମୁଁ ରହିପାରିଲି ନାହିଁ। ବାସ୍ତୁ ଦୃଷ୍ଟିରୁ ଘରଟି କେତେ ଠିକ୍ ଅଛି ତାହା ମଧ୍ୟ ଦେଖିନେଇଛି। ତେବେ ଗୃହପ୍ରବେଶ କରିବାକୁ ଆଉ କିଛି ମାସ ଲାଗିବ।' ତାଙ୍କ ଅଭିନୀତ 'ବ୍ୟାଡ୍ ନ୍ୟୁଜ୍ ' ରିଲିଜ ଅପେକ୍ଷାରେ ଥିବା ବେଳେ ଶୁଟିଂ ଚାଲିଥିବା 'ଭୁଲ ଭୁଲୈୟା-୩' ଏବଂ 'ଧଡକ-୨'ରେ ତାଙ୍କୁ ଦେଖିବାକୁ ମିଳିବ।


ସାଜିଦ

## ଶେଷରେ ସାଜିଦଙ୍କ କଥା ରହିଲା

ପ୍ରଯୋଜକ ସାଜିଦ ନାଦିଆଦୱାଲାଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ ହେଲା, ସେ ପ୍ରଯୋଜନା କରୁଥିବା ବିଗ୍ ବଜେଟ୍ ଫିଲ୍ମ 'ସିକନ୍ଦର'ର ଶୁଟିଂ ଆରମ୍ଭ ହୋଇଯାଇଛି। ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ସଲମାନ ଖାଁ ଏବଂ ତାଙ୍କର ନାୟିକା ସାଜିଛନ୍ତି ରଶ୍ମିକା ମନ୍ଦାନା। ପ୍ରାଥମିକ ପର୍ଯ୍ୟାୟରେ ଏହି ଫିଲ୍ମର ବଜେଟ ରହିଛି ୨୦୦କୋଟି। ଏହାର କାହାଣୀରେ ଆକ୍ସନ ଭରି ରହିଛି। ଯେତେବେଳେ ଏହି ଫିଲ୍ମଟିର ଟାଇଟଲ ଫାଇନାଲ ହେଲା, ସେତେବେଳେ ଭିନ୍ନ ଭିନ୍ନ ଟାଇଟଲ ନେଇ ଆଲୋଚନା ହୋଇଥିଲା। ସେତେବେଳେ ସାଜିଦ କିଛି ସମୟ ଆଖି ବୁଜି ଚିନ୍ତା କରିଥିଲେ। ତା'ପରେ ସେ କହିଥିଲେ ଯେ, ଏହି ଫିଲ୍ମର ଟାଇଟଲ 'ସିକନ୍ଦର' ରଖିଲେ କେମିତି ହୁଅନ୍ତା। ଯାହାହେଉ ଶେଷରେ ତାଙ୍କରି କଥା ରହିଥିଲା। ନାଦିଆଦୱାଲା ଗ୍ରାଣ୍ଡସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଉଛି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ବିଶିଷ୍ଟ ତାମିଲ ନିର୍ଦ୍ଦେଶକ ଏ.ଆର.ମୁରୁଗାଦୋସ। ଏହି ଫିଲ୍ମରେ ସୁନୀଲ ସେଟ୍ଟି ଏବଂ ପ୍ରତୀକ ବବରଙ୍କୁ ମଧ୍ୟ ଦେଖିବାକୁ ମିଳିବ।

## ବୋହୂ ଆମର ମେଟ୍ରିକ ଫେଲ୍

ଜୀ ସାର୍ଥକ ଚ୍ୟାନେଲରେ ଚଳିତ ମାସ ୧୬ ତାରିଖରେ ପ୍ରସାରିତ ହେବ ନୂଆ ଓଡ଼ିଆ ସିନେମା 'ବୋହୂ ଆମର ମେଟ୍ରିକ ଫେଲ୍'। କାହାଣୀର ଆରମ୍ଭ ଏକ ପ୍ରତିଜ୍ଞାରୁ । ବନ୍ଧୁତାର ସମ୍ପର୍କକୁ ଆଉ ପାଦେ ଆଗକୁ ନେବାକୁ କାହାଣୀରେ ଜଗଦୀଶ ଓ ଜଗବନ୍ଧୁ ପ୍ରତିଜ୍ଞା କରିଛନ୍ତି ଯେ, ତାଙ୍କ ପୁଅ ଝିଅ ଉଭୟେ ବିବାହ ବନ୍ଧନରେ ବାନ୍ଧି ହେବେ। ତେବେ ଦୁଇ ବନ୍ଧୁ କରିଥିବା ପ୍ରତିଜ୍ଞା ପରେ ପୂରଣ ହେଉଛି କି ନାହିଁ ତାହା ଚଳଚ୍ଚିତ୍ରଟି ଦେଖିଲେ ଜଣାପଡ଼ିବ। ଗାଁରେ ରହୁଥିବା ଝିଅ ଗୌରୀ ମଧ୍ୟରେ ସ୍ନେହର ଗୁଣ ଭରିରହିଛି । ହେଲେ ଶିକ୍ଷାରେ ସେ ପଛୁଆ। ଏହି ଝିଅ ଜଣେ ସଫଳ ବିଜନେସମ୍ୟାନ ବିବେକ ସହିତ କେମିତି ନିଜକୁ ଖାପଖୁଆଇ ଆଗକୁ ନେବ ? କାରଣ ବିବେକ ମନରେ ତ ଗୌରୀ ପାଇଁ ପ୍ରେମ ନାହିଁ । ଅପର ପକ୍ଷରେ ବିବେକଙ୍କ ଭଉଣୀ ସହିତ ଗୌରୀଙ୍କ ସମ୍ପର୍କ ଭଲ। ହେଲେ ଅନ୍ୟ ଭାଇ ଭଉଣୀ ଗୌରୀଙ୍କୁ ପସନ୍ଦ କରନ୍ତି ନାହିଁ । କାହାଣୀରେ ଚକ୍ରାନ୍ତ ଖେଳୁଛି ବିବେକର ବିଜନେସ ପାର୍ଟନର ତନୟା। ବିବେକଙ୍କ ସମ୍ପତ୍ତି ଉପରେ ରହିଛି ତା'ର ଲୋଭ । ତେବେ ଏହାପରେ କ'ଣ ଘଟୁଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ସୋମନାଥ ସାଇନ ପ୍ରଡକସନ ହାଉସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ସୁନୀଲ କୁମାର ପଟ୍ଟନାୟକ। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି) । ପ୍ରିୟବ୍ରତ କାହାଣୀ ଲେଖିଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ବୈଦ୍ୟନାଥ ଦାଶ । ଏହି ଫିଲ୍ମର ବିଭିନ୍ନ ଭୂମିକାରେ ନିକିତା ମିଶ୍ର, ରାକେଶ, ଚୌଧୁରୀ ଜୟପ୍ରକାଶ ଦାସ, ପୁଷ୍ପା ପଣ୍ଡା, ଅନନ୍ତ ମିଶ୍ର ଏବଂ ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟିର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ଏହି ଫିଲ୍ମ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ଜୀ ସାର୍ଥକ ଚିଫ ଚ୍ୟାନେଲ ଅଫିସର ଶ୍ରୀ ପ୍ରତୀକ ସିଲ ପ୍ରକାଶ କରିଛନ୍ତି ।


ରାକେଶ-ନିକିତା


ତ୍ରିପ୍ତି


ଆଲିୟା

## କାହାଣୀ ମିଶନ

କଥାରେ ଅଛି ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ରହିବା ହେଲା ବଡ କଥା। ତେବେ କିଏ, କାହାକୁ ଅପେକ୍ଷା କରିଛନ୍ତି ଜାଣିବେନି ? କଥା କ'ଣ କି ଏକ କମେଡିଭିତ୍ତିକ କାହାଣୀ ଖୋଜୁଛନ୍ତି ଆଲିୟା। ନିକଟରେ ଏକ କାର୍ଯ୍ୟକ୍ରମରେ ତାଙ୍କର ଜଣେ ପ୍ରଯୋଜକଙ୍କ ସହ ଭେଟ ହୋଇଥିଲା। ଆଲୋଚନା ପ୍ରସଙ୍ଗରେ ଆଲିୟା ତାଙ୍କୁ କହିଥିଲେ ଯେ, 'ମୁଁ ଏକ କମେଡଭିତ୍ତିକ କାହାଣୀ ଖୋଜୁଛି।' ଏକଥା ଜାଣିବା ପରେ ପ୍ରଯୋଜକଙ୍କର ଉତ୍ସାହ ବଢ଼ିଯାଇଥିଲା। ସେ ତାଙ୍କୁ କହିଥିଲେ ଯେ, ଯଦି ଆପଣ ଭଲ କାହାଣୀଟିଏ ପାଆନ୍ତି ତେବେ ମୋ ସହ ଯୋଗାଯୋଗ କରିପାରନ୍ତି। ଆଉ ତା'ପରେ ଆଲିୟା ଏ ନେଇ ଦିନରାତି ଏକାଠି କରିଦେଇଛନ୍ତି। ଏ ସମ୍ପର୍କରେ ଆଲିୟା କହନ୍ତି, 'ବର୍ତ୍ତମାନ ମୁଁ ଏକ କମେଡିକୁ ଆଧାର କରି କାହାଣୀଟିଏ ଖୋଜୁଛି। ଅବଶ୍ୟ ୟା ଭିତରେ ମୋତେ ୨-୩ଟି ଏପରି କାହାଣୀର ସୁରାକ ମିଳିଥିଲା, ହେଲେ ସେଗୁଡିକ ମୋତେ ପ୍ରଭାବିତ କରିପାରି ନ ଥିଲା। ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି ଯେ, ମୋର ଏହି କାହାଣୀ ମିଶନ ନିଶ୍ଚୟ ସଫଳ ହେବ। ଅବଶ୍ୟ ଏଥିପାଇଁ ସମୟ ଲାଗିପାରେ, ହେଲେ ସେ ପର୍ଯ୍ୟନ୍ତ ମୁଁ ଅପେକ୍ଷା କରିବାକୁ ତୟାର।' ତେବେ ଆଲିୟାଙ୍କ ଏହି କାହଣୀ ଖୋଜାର ପରିଣାମ କ'ଣ ହେଉଛି ତାହା ଜାଣିବାକୁ ଆମକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡିବ।

## ସେହି ୧୨ ଘଣ୍ଟା...

ଥରେ ମନେ ପକାନ୍ତୁ ନା ଅନୀଲ ଶର୍ମାଙ୍କ ସୁପରହିଟ୍ ଫିଲ୍ମ 'ଗଦ୍ଦର-ଏକ ପ୍ରେମ କଥା'କୁ। ଦେଶପ୍ରେମଭିତ୍ତିକ ଏହି ଫିଲ୍ମରେ ସନି ଦେଓଲଙ୍କ ନାୟିକା ସାଜିଥିଲେ ଅମୀଷା ପଟେଲ। ତେବେ ଏହି ଫିଲ୍ମ ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏଥିରେ କିଏ ନାୟିକା ଭୂମିକାରେ ଅଭିନୟ କରିବ ସେ ନେଇ ଏକ ଅଡିସନ୍ ହୋଇଥିଲା। ଏହି ଅଡିସନ୍‌ରେ ୫୦୦ ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ଶେଷରେ ହାତୀ ଅମୀଷାଙ୍କ ମୁଣ୍ଡରେ ହିଁ ସୁନା କଳସ ଢ଼ାଳିଥିଲା। ଖାସ୍ କଥା ହେଲା, ଅମୀଷାଙ୍କ ଅଡିସନ ଦୀର୍ଘ ୧୨ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ମଡେଲିଂରୁ ସେ ଆକ୍ଟିଂ ଦୁନିଆରେ ପାଦ ରଖିଥିଲେ। ପ୍ରଥମେ ସେ କେତୋଟି ଥିଏଟର ନାଟକରେ ଅଭିନୟ କରିଥିଲେ। ତା'ସହ କେତେକ ନାମୀ ବ୍ରାଣ୍ଡର ବିଜ୍ଞାପନ ପାଇଁ କାମ କରିଥିଲେ। ରାକେଶ ରୋଶନ ତାଙ୍କୁ ପ୍ରଥମେ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ। ଫିଲ୍ମଟି ଥିଲା 'କହୋ ନା ପ୍ୟାର ହୈ'। ତେବେ ନିଜ ବଲିଉଡ୍ କ୍ୟାରିୟରରେ ବେଶ୍ ଉତଥାନ ପତନ ଦେଇ ଗତିକରିଥିଲେ ଅମୀଷା। ସେ କୁହନ୍ତି, 'ବଲିଉଡ୍‌ରେ ମୋତେ ଯେଉଁ ସ୍ନେହ ଶ୍ରଦ୍ଧା ମିଳିଛି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଦର୍ଶକମାନଙ୍କ ପାଖରେ ମୁଁ ସବୁବେଳେ ଋଣୀ ହୋଇ ରହିବି ।


ଅମୀଷା

## ଭୁଲି ନାହାନ୍ତି ଐଶ୍ୱର୍ଯ୍ୟା

ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବେ ବି ଗୋଟିଏ କଥା କରିବାକୁ ଆଦୌ ଭୁଲନ୍ତି ନାହାନ୍ତି। ପିଲାଟି ଦିନରୁ ହିଁ ତାଙ୍କର ଏହି ଭଲ ଅଭ୍ୟାସ ରହିଛି। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସେ ଖବରକାଗଜ ଉପରେ ଆଖି ବୁଲେଇ ନେବାକୁ ଭୁଲନ୍ତି ନାହିଁ। କେବଳ ସେତିକି ନୁହେଁ, ଏଥିରେ ପ୍ରକାଶ ପାଇଥିବା ଭଲ ଭଲ ଆର୍ଟିକିଲଗୁଡିକୁ ମନ ଲଗାଇ ପଢ଼ନ୍ତି। କେବଳ ସେତିକି ନୁହେଁ, ସେଗୁଡିକୁ କାଟି ଆଲବମ୍‌ରେ ସାଇତି ରଖନ୍ତି। ବିଶ୍ୱ ସୁନ୍ଦରୀ ଟାଇଟଲ୍ ଜିତିବା, ଏପରି କି ଅଭିନୟ କରିବା ସମୟରେ ମଧ୍ୟ ସେ ଏହି ଧାରାକୁ ଜାରି ରଖିଥିଲେ। ଏ ନେଇ ଐଶ୍ୱର୍ଯ୍ୟା କହନ୍ତି, 'ପିଲାଟି ଦିନରୁ ମୋର ଏହି ଅଭ୍ୟାସ ଥିଲା। ଏବେ ମଧ୍ୟ ମୋ ବିଷୟରେ କୌଣସି ପେପରରେ କିଛି ବାହାରିଲେ ତାହାକୁ ମୁଁ ସଂଗ୍ରହ କରି ରଖିଥାଏ।' ଐଶ୍ୱର୍ଯ୍ୟାଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୧୯୯୭ରେ। ତାମିଲ ଫିଲ୍ମ 'ଇରୁଭର'ରେ ତାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଔର ପ୍ୟାର ହୋଗୟା'। ଏଥିରେ ସେ ବବି ଦେଓଲଙ୍କ ନାୟିକା ସାଜିଥିଲେ।


ଐଶ୍ୱର୍ଯ୍ୟା

www.DesktopBackground.com

# ପ୍ରଥମ ରୋଜଗାରରେ ନନାଙ୍କର ବିଶ୍ୱାସ ଜିଣିଥିଲି

### ପ୍ରଥମ ରୋଜଗାର



ସାହିତ୍ୟିକା ତଥା ଶିକ୍ଷୟିତ୍ରୀ **ଡ. ସୁଚିତ୍ରା ରଥ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନିଦାଘର ଫଟାମାଟିକୁ ପ୍ରଥମ ବର୍ଷା ଛୁଇଁଲେ, ବଗିଚାର ନୂଆଗଛରେ ପ୍ରଥମେ କଢ ଧରିଲେ, ପାଳିଥିବା ସ୍ୱପ୍ନଟେ ସତ ହୋଇ ନୂଆ କରି ପାପୁଲିରେ ଧରାଦେଲେ ପୁଲକ ତ ହେବ ହିଁ ହେବ, ଏହା ନିଃସନ୍ଦେହ। ଯଦିଓ ସମୟାନ୍ତରରେ ଘଟଣାର ପୁନରାବୃତ୍ତି ଘଟେ, ତେବେ ପ୍ରଥମାନୁଭୂତିକୁ ତା' କେବେ ଅତିକ୍ରମ କରିଯାଇପାରେନି। ପ୍ରଥମ ପ୍ରାପ୍ତିର ପୁଲକ ସବୁବେଳେ ସ୍ମୃତିବହ। ସେମିତି ସ୍ମୃତିରୁ ଖିଏ ମୋର ପ୍ରଥମ ରୋଜଗାର। ମୋ ସାନ ଭାଇଭଉଣୀ ଦୁହେଁ, ମୋଠାରୁ ଭଲ ପଢନ୍ତି ବୋଲି ନନାଙ୍କର ସେମାନଙ୍କ ଉପରେ ବେଶି ଭରସା ଥାଏ, ବଡ ହେଲେ ନିଶ୍ଚୟ ଦୁହେଁ ଭଲ ଚାକିରି କରିବେ। ମୋତେ କିନ୍ତୁ ଗଣିତ ବୁଝେଇ ଦେଇ କରିବାକୁ ଦେଇଗଲେ ମୁଁ ସେଇଠି ବସି ଭାବନାରେ ଭାସିଯାଏ କାହିଁ କେଉଁଆଡେ। ନନା କହନ୍ତି, ୟା ଦେଇ କିଛି ହେବନି। ସମସ୍ତଙ୍କ ପାଖରେ ସମାନ ପାରିବାପଣ ନ ଥାଏ। ମୁଁ ମୋ ମୁତାବକ ପଢି ପିଜି ପରେ ବି.ଏଡ୍ ସାରିଲି। ପିଏଚ୍‌ଡି ପାଇଁ ଏଣ୍ଟ୍ରାନ୍ସ ଦେଇ କୃତକାର୍ଯ୍ୟ ହୋଇଥାଏ। ହେଲେ କାମ ଆରମ୍ଭ ହୋଇ ନ ଥାଏ। ତେଣୁ ମୁଁ ଘରେ ଥାଏ। ବେଶ୍ କିଛିଦିନ ଘରେ ବସି ରହିବା ଦେଖି ନନା କହିଲେ, ''ପାଠଶାଠ ପଢିଲୁ, କିଛି କରିବୁ ନା ଘରେ ବସିଥିବୁ?'' ଏଇ କଥା ପଦକ ଭାରି ଅଭିମାନ ଆଣିଲା ମନରେ। ମୋ ଅପରିପକ୍ୱତାରେ ମୁଁ ଭାବିଲି, ନନା ବ୍ୟାଙ୍କ ଅଫିସର୍ ହୋଇଛନ୍ତି, ମୋତେ କ'ଣ ଖାଇବା ପିନ୍ଧିବାକୁ ଦେଇପାରିବେନି ଯେ ଶୀଘ୍ର ଚାକିରି କରିବାକୁ କହୁଛନ୍ତି! ମା'ବାପାଙ୍କର ସେ ସମୟର ଗାଳି ଏବେ ଅମୃତତୁଲ୍ୟ ମନେ ହେଉଛି। ଏବେ ବୁଝିପାରୁଛି ନାରୀଟିଏର ଆର୍ଥିକ ସ୍ୱାଧୀନତା କେତେ ଜରୁରୀ! ସେବେଠାରୁ ଚାକିରି ଅନ୍ୱେଷଣର ଝୁଙ୍କରେ ଲାଗିଗଲି। ଗୋଟିଏ ଦୁଇଟା ଇଣ୍ଟରଭ୍ୟୁ ପରେ ଭୁବନେଶ୍ୱର ଝାରପଡା ନିକଟସ୍ଥ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ନବମ ଦଶମ ପିଲାଙ୍କର ସଂସ୍କୃତ ଶିକ୍ଷୟିତ୍ରୀ ଭାବରେ ଯୋଗଦେଲି। ତାହା ହିଁ ଥିଲା ମୋ ଶିକ୍ଷକତା ଜୀବନର ଅୟମାରମ୍ଭ। ଏହା ୨୦୦୪ ମସିହାର କଥା। ଅନେକ ସ୍ନେହଶ୍ରଦ୍ଧା ସାଉଁଟିବା ସହିତ ମାସ ଶେଷରେ ହାତରେ ଧରିଲି ନିଜସ୍ୱ ରୋଜଗାର ୧୮୦୦ ଟଙ୍କା। ହୋଇପାରେ ସ୍ୱଳ୍ପ, ହେଲେ ସେ ପୁଲକ କେବେ ଭୁଲିବାର ନୁହେଁ। ନନାଙ୍କ ହାତରେ ଧରେଇଲି ମୋ ପ୍ରଥମ ରୋଜଗାର ଅର୍ଥ। ସେକାଳରେ ବାପାମାନେ ନିଜର ଖୁସି ମୁହଁରେ ବ୍ୟକ୍ତ କରିବାରେ ବୋଧେ କୃପଣ ଥିଲେ। ମୁହଁରେ ନ କହିଲେ ବି ସେଦିନ ନନାଙ୍କ ଆଖିରେ ମୋ ପାଇଁ ଝଲସୁଥିବା ବିଶ୍ୱାସ ଓ ଭରସାକୁ ଏବେ ବି ଭୁଲିନି ମୁଁ। ''ମୁଁ କ'ଣ କରିବି, ତୋ ଖୁସିରେ ତୁ ଖର୍ଚ୍ଚ କର'' କହି ନନା ଟଙ୍କା ଫେରସ୍ତ କରିଦେଲେ ମୋ ହାତକୁ। କିନ୍ତୁ ବୋଉକୁ କହୁଥିଲେ, ଝିଅ ଆମର ନିଜ ଗୋଡରେ ନିଜେ ଠିଆ ହେଲାଣି, ଏଥର ତା' ବାହାଘର କରିବାରେ ମୋର ଆଉ ଚିନ୍ତା ନାହିଁ। ନନା ସତରେ କେତେ ଆଗକୁ ଚିନ୍ତା କରୁଥିଲେ! ପରବର୍ତ୍ତୀ ସମୟରେ ସରକାରୀ ଚାକିରି ମିଳିଲା। ନିୟମିତ ହେବା ପରେ ଦରମା ମଧ୍ୟ ବଢିଲା, ହେଲେ ସେ ସମୟରେ ନନାଙ୍କ ଆଗରେ ନିଜ ଦକ୍ଷତାକୁ ପ୍ରମାଣିତ କରି ଯେଉଁ ରୋଜଗାର ଅର୍ଥ ପ୍ରାପ୍ତ କରିଥିଲି ତାହା ସବୁଦିନ ପାଇଁ ଅଲିଭା ସ୍ମୃତି ହୋଇ ରହିଗଲା। ଯେତେବେଳେ ମୋର ପ୍ରଥମ କବିତା ସଂକଳନ 'ନୀଳ ଆମନ୍ତ୍ରଣ' ନନାଙ୍କ ହାତରେ ଲୋକାର୍ପଣ କରିଥିଲି, ସେତେବେଳେ ସେ ବେଶ୍ ଗର୍ବିତ ମନେହେଉଥିଲେ। ବୋଧହୁଏ ସେ ଆଉ ଭାବୁ ନ ଥିଲେ ୟା ଦେଇ କିଛି ହେବନି। ଗଳ୍ପ ସଂକଳନଟି ପ୍ରସ୍ତୁତ ହେଉଥିବା ସମୟରେ ସେ କିନ୍ତୁ ଚାଲିଗଲେ। ତାଙ୍କ ସହ ଆଉ କିଛି ସୁଖଦ ମୁହୂର୍ତ୍ତ ସାଉଁଟିବା ବୋଧହୁଏ ମୋ ଭାଗ୍ୟରେ ନ ଥିଲା।

# ଇସାରା ଅଧାକୁ ସପନ ଅଧା, କେବେ ଆସିବ ମୋ ମନର ରାଧା

### ସାଥୀ

**ପ୍ରଶ୍ନ–**ଜଣେ ଝିଅ ମୋତେ ଆଖିରେ ଇସାରା ଦେଉଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ସୁଶାନ୍ତ ସାହୁ, ବଡବିଲ*



**ଉତ୍ତର:** କଥାରେ ଅଛି–ସମଝଦାର୍ ଆଦମୀକୋ ଇସାରା କାଫି ହୈ। ତେଣୁ ଆପଣ ଟିକେ ମଗଜ ଖଟାନ୍ତୁ ନା ! ବାସ୍, ସେହି ଇସାରା, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। 'ଇସାରା ଅଧାକୁ ସପନ ଅଧା, କେବେ ଆସିବ ମୋ ମନର ରାଧା। ସେହି ଇସାରା ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ଲୁଚି ରହିଛି।

**ପ୍ରଶ୍ନ–**ସେ ମୋ ମନର ମାନସୀ, ମୋତେ ଦେଖି ହସି ଦେଉଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ କି ?

*–ପ୍ରକାଶ ଦାସ, ଢେଙ୍କାନାଳ*

**ଉତ୍ତର:** ଆପଣଙ୍କ ମନର ମାନସୀ ଆପଣଙ୍କୁ ଦେଖି ହସି ଦେଉଛି। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ତାକୁ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ–**ପ୍ରେମ ନିଶା କ'ଣ ସତରେ ଗାଢ଼ ?

*–ତପନ ରାଉତ, ରାଉରକେଲା*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। କେବଳ ଭଲ ପାଇଲେ ତ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି କେବଳ ନାମକୁ ମାତ୍ର ପ୍ରେମ କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ–**ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁନି। ହେଲେ କହୁନି କାହିଁକି ?

*–ଶରତ ନାଥ, ପୁରୀ*

**ଉତ୍ତର:** ଯାହାକୁ ଏତେ ଥର ଆଇ ଲଭ୍ ୟୁ କହି ସାରିଲେଣି, ସେ ବୋଧହୁଏ ତାକୁ ତର୍ଜମା କରୁଛି। ଏହାର ଉତ୍ତର ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜ ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ–**ମୋ ପ୍ରେମିକାକୁ ନେଇ ମୁଁ ଅନେକ କବିତା ଲେଖିଛି। ହେଲେ ସେଗୁଡ଼ିକୁ ସେ ପ୍ରଶଂସା କରୁନାହିଁ। କ'ଣ କରିବି ?

*–ବିକାଶ କୁମାର, ଜଗତସିଂହପୁର*

**ଉତ୍ତର:** ଆପଣଙ୍କ ରଚିତ କବିତା ପ୍ରେମିକା ମଗଜରେ ପଶିବା ଦରକାର। ସେ ହୁଏତ ଭାବୁଥିବ ଯେ, ଆପଣ ଏମିତି କିଛି କବିତା ଲେଖୁଛନ୍ତି। ତେଣୁ ନିଜେ ଜଣେ କବି ଆଉ ସୁନ୍ଦର ପ୍ରେମ କବିତା ଲେଖିବାରେ ଆପଣଙ୍କର ପଟୁତା ରହିଛି ବୋଲି ସେପରି ବିଶ୍ୱାସ ପ୍ରଥମେ ପ୍ରେମିକା ମନରେ ସୃଷ୍ଟି କରନ୍ତୁ। ତା'ପରେ ହୁଏତ ସେ ଆପଣଙ୍କ ରଚିତ ତଥା ମନକୁ ଛୁଇଁଲା ଭଳି କବିତାଗୁଡ଼ିକୁ ପଢ଼ିବାକୁ ଚେଷ୍ଟା କରିବେ।

# ତମ୍ବା ନାଗ ତିଆରି ଗାଁ



**ସା**ଧାରଣତଃ କେତେକ ବ୍ୟକ୍ତି ନିଜର ମାନସିକ ପୂରଣ ନିମନ୍ତେ ଦେବାଳୟରେ ତମ୍ବାନିର୍ମିତ ନାଗସାପ ଦାନ କରିଥାନ୍ତି। ଏହି ନାଗମୂର୍ତ୍ତି ତିଆରି ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କାରିଗର ରହିଥିଲେ ବି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଗୁଡ୍‌ଭେଲି ପଦର ଗାଁର ନାଁ ସ୍ୱତନ୍ତ୍ର। ଏହି ଗାଁର ପିଢ଼ି ପରେ ପିଢ଼ି ଏକାଧିକ ପରିବାର ତମ୍ବାରେ ନାଗମୂର୍ତ୍ତି ତିଆରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ଗାଁର ଶିଳ୍ପୀ ପ୍ରଶାନ୍ତ କୁମାର ମେହେର କୁହନ୍ତି–ଆମ ଗାଁରେ ପୂର୍ବରୁ ପ୍ରାୟ ୪୦/୫୦ ପରିବାର ତମ୍ବାରେ ବିଭିନ୍ନ ଆକୃତିର ନାଗମୂର୍ତ୍ତି ତିଆରି କରୁଥିଲେ। ମାତ୍ର ସମୟକ୍ରମେ ହାତଗଣତି ୧୪ଟି ପରିବାର ଏହି କାର୍ଯ୍ୟ କରିଆସୁଛନ୍ତି। ତମ୍ବାନାଗ ତିଆରି ପାଇଁ ଆବଶ୍ୟକ ପଡୁଥିବା ସାମଗ୍ରୀ ମଧ୍ୟରେ –ତମ୍ବା, ସିସା ଓ ପିତ୍ତଳ ଦରକାର ପଡ଼ିଥାଏ।










ସମ୍ବଲପୁର ରେଙ୍ଗାଲିରୁ କାରିଗରମାନେ ତମ୍ବା ସଂଗ୍ରହ କରିଥାନ୍ତି। କେହି କେହି ପଞ୍ଜାବ ଏବଂ କଲିକତାର କାଳୀଘାଟରୁ ତମ୍ବା କିଣି ଆଣିଥାନ୍ତି। ଆବଶ୍ୟକ ଅନୁସାରେ ତମ୍ବା ଚଦରକୁ ବିଭିନ୍ନ ସାଇଜ୍‌ରେ କଟାଯାଇଥାଏ। ତା'ପରେ କଟା ଯାଇଥିବା ତମ୍ବା ଚଦରକୁ ଉତ୍ତପ୍ତ କରାଯାଏ। ପରେ କାରିଗରମାନେ ବିଭିନ୍ନ ପ୍ରକାରର କଳାକୃତିକୁ ତିଆରି କରିଥାନ୍ତି। ତମ୍ବାରେ ନାଗମୂର୍ତ୍ତି ତିଆରିରେ ଆମ ଗାଁର କାରିଗରଙ୍କ ଭିନ୍ନ ପରିଚୟ ରହିଛି। ଗୋଟିଏ ଗୋଟିଏ ତମ୍ବା ସାପର ମୂଲ୍ୟ ଚାହିଦା ମୁତାବକ ପ୍ରାୟ ୧୦୦ରୁ ଆରମ୍ଭ କରି ୪୦ହଜାର ଟଙ୍କାରେ ବିକ୍ରି ହୋଇଥାଏ। ତେବେ କାରିଗରମାନେ ତମ୍ବା ନାଗ ବ୍ୟତୀତ ତ୍ରିଶୂଳ, ଡମ୍ବରୁ ଆଦି ଗଢ଼ିଥାନ୍ତି। ତିଆରି ହେଉଥିବା ସାମଗ୍ରୀକୁ ଉଚିତ ମୂଲ୍ୟରେ ବିକ୍ରି ପାଇଁ ଗ୍ରାମରେ ଏକ ସମବାୟ ସମିତି ଥିବାବେଳେ ଓର୍‌ମାସ ସହାୟତାରେ ବିଭିନ୍ନ ମେଳା ଓ ମହୋତ୍ସବରେ ଏହା ବିକ୍ରି ପାଇଁ ଯାଇଥାଏ। ଏହି ଗ୍ରାମର ସତ୍ୟନାରାୟଣ ମହାରଣା କୁହନ୍ତି, ଆମ ଗାଁରେ ବିଭିନ୍ନ ବର୍ଗର ଲୋକେ ଏହି କଳାକାରିଗରିଙ୍କୁ ଆପଣେଇଛନ୍ତି। ଏଠାକାର କାରିଗରଙ୍କ ଦ୍ୱାରା ତିଆରି ହେଉଥିବା ତମ୍ବାର ନାଗ ଓଡ଼ିଶା, ଦିଲ୍ଲୀ, ମୁମ୍ବାଇ, କୋଲକାତା, ମଧ୍ୟପ୍ରଦେଶ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଆଦି ଅନେକ ରାଜ୍ୟର ବିଭିନ୍ନ ଶିବାଳୟରେ ଶୋଭାପାଉଥିବା ଦେଖିବାକୁ ମିଳେ। ଆମେ ଏଠାରେ ମୁଖ୍ୟତଃ ୩ ଇଞ୍ଚରୁ ପ୍ରାୟ ୬ ଫୁଟ ଯାଏ ବିଭିନ୍ନ ଆକୃତିର ତମ୍ବାନାଗ ତିଆରି କରିଥାଉ। ୩ ଇଞ୍ଚର ଗୋଟିଏ ତମ୍ବାର ନାଗକୁ ପ୍ରାୟ ୧୦୦ ଟଙ୍କା ରହିଥାଏ। ଆଜିକାଲି ଧାତୁର ଦର ବୃଦ୍ଧି ହେଉଥିବାରୁ ବଜାରରେ ଅଧିକ ଦାମ୍‌ରେ ତମ୍ବା ନାଗମୂର୍ତ୍ତି ବିକ୍ରି କରିବାକୁ ପଡୁଛି। ଯାହାକି ଆମ ପାଇଁ ଓ କିଣୁଥିବା ଲୋକଙ୍କ ପାଇଁ ସମସ୍ୟା ପାଲଟିଛି। ଆମର ଏହି ତମ୍ବା କାରିଗରମାନଙ୍କୁ ସରକାରଙ୍କ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇଛି। ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀ ଏହି ଗାଁକୁ ପରିଦର୍ଶନରେ ଆସୁଛନ୍ତି ସତ, ହେଲେ ଆମ ସମସ୍ୟା ସେଭଳି ଦୂର ହୋଇପାରୁନାହିଁ। କେବଳ ଆମ ଗାଁର ତମ୍ବା ନାଗ ଗାଁ ହିସାବରେ ସବୁଠୁ ପ୍ରସିଦ୍ଧି ରହିଛି।

–ଆଦିତେଶ୍ୱର ମିଶ୍ର

# ନାଟକ ଦେଇଛି ପରିଚୟ

**ଓ**ଡ଼ିଆ ଯାତ୍ରା ଜଗତରେ ସେତେ ପୁରୁଖା ଲେଖିକା ନ ହେଲେ ବି ଜଣେ ନାଟ୍ୟକାର ଭାବେ କିନ୍ତୁ ତାଙ୍କର ନାଁ ରହିଛି। ସେ ହେଲେ **ସଂଗୀତା ମିଶ୍ର** । ପୁରୀ ଜିଲା ବଳଙ୍ଗାରେ ତାଙ୍କର ଘର। ସେ କୁହନ୍ତି, ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଜୁନିୟର ରେଡ୍‌କ୍ରସରେ ଅଭିନୀତ ହୋଇଥିବା ନାଟକ 'ଆସ ସ୍କୁଲ ଯିବା' ଲେଖି ସେ ସମୟରେ ସ୍କୁଲ ତଥା ସାଙ୍ଗମାନଙ୍କ ପାଖରେ ଚର୍ଚ୍ଚାକୁ ଆସିଥିଲି। ତା'ପରେ ଦଶମ ପର୍ଯ୍ୟନ୍ତ ସ୍କାଉଟ ଓ ଜୁନିୟର ରେଡ୍‌କ୍ରସରେ ହେଉଥିବା ନାଟକ ଲେଖିଥିଲି। ପରେ କଲେଜ ପଢୁଥିବା ସମୟରେ ମଧ୍ୟ କଲେଜ ଡ୍ରାମା ପାଇଁ ନାଟକ 'କଲେଜ ଗଲି ନଲେଜ ପାଇଲି, ଭଲ ପାଇବା ତମଠୁ ଶିଖିଲି, ବନ୍ଧୁତାର ଅର୍ଥ, ଆସ ଆମେମାନେ ମୂର୍ଖ ହେବା' ଆଦି ବ୍ୟଙ୍ଗନାଟକ ଲେଖି ସମ୍ବର୍ଦ୍ଧିତ ହୋଇଥିଲି। ସେତେବେଳେ ବଳଙ୍ଗାର ଆଖପାଖ ଗାଁରେ ହେଉଥିବା ଡ୍ରାମା ପାଇଁ କେତେଗୁଡ଼ିଏ ନାଟକ ଲେଖି ସେହି ଅଞ୍ଚଳରେ ପରିଚିତ ହେଲି। ଏହା ମୋ ପାଠପଢା ସହ ସମାନ୍ତରାଳ ଭାବେ ଚାଲିଥାଏ। କଳାରେ ସ୍ନାତକ କଲି। ମାତ୍ର ନାଟକ ଲେଖିବା ସେମିତି ଜାରି ରଖିଥାଏ। ମୁଁ ମୁଖ୍ୟତଃ ସମାଜର ବାସ୍ତବଧର୍ମୀ ଓ ସମସାମୟିକ ପରିସ୍ଥିତିକୁ ନେଇ ନାଟକ ରଚନା କରିଥାଏ। ସବୁବେଳେ ଦର୍ଶକଙ୍କ ମନ କେମିତି କିଭଳି ଛୁଇଁ ପାରିବି ସେ ଚେଷ୍ଟା କରିଥାଏ।



ଏହା ତ ଗଲା ମୋର ନାଟକ ଲେଖିବା କଥା। ମୁଁ ବହୁତଗୁଡ଼ାଏ ପ୍ରେମ ଗପ ବି ଲେଖିଛି। ଆଉ ଏଇ ଗପ ଲେଖିବା ଭିତରେ ମୁଁ କେବେ ସତ୍ୟ ମିଶ୍ରଙ୍କ ପ୍ରେମରେ ପଡ଼ିଗଲି ଜାଣିପାରି ନ ଥିଲି। ପରେ ତାଙ୍କ ସହ ବିବାହ ବି ହେଲା। ମୋର ଏକ ଘଟଣା ମନେ ପଡ଼େ, ଥରେ ସ୍ୱାମୀଙ୍କ ଚାମ୍ବରରେ ଦୁଇ ଭଉଣୀଙ୍କ ଡିଭୋର୍ସର ଆଲୋଚନା ଶୁଣି, ସେଇ ଘଟଣାକୁ କାହାଣୀର ରୂପ ଦେବାକୁ ଇଚ୍ଛାକରି ସେହି ବିଷୟବସ୍ତୁକୁ ନେଇ ଏକ ନାଟକ ରଚନା କରିଥିଲି। ସେହି ନାଟକଟି କେମିତି ଏକ ବଡ଼ ପାର୍ଟିରେ ମଞ୍ଚସ୍ଥ ହେବ ଓ ତାହା ସମସ୍ତେ ଦେଖିବେ ସେଇ କଥା ସ୍ୱାମୀଙ୍କୁ କହିଥିଲି। ଯୋଗକୁ ଯାତ୍ରା ଜଗତର ପ୍ରତିଷ୍ଠିତ ନିର୍ଦ୍ଦେଶକ ଗୁରୁ କିଶୋର ଖଣ୍ଡୁଆଳଙ୍କ ସହ ଦେଖାହୁଏ। ମୋ ସ୍ୱାମୀ ସତ୍ୟପ୍ରକାଶଙ୍କ ଅନୁରୋଧ ଏବଂ ମୋର ଆଗ୍ରହକୁ ସେ ଏଡ଼େଇ ନ ପାରି ନାଟକକୁ ସେ ପଢ଼ନ୍ତି ଏବଂ ଶିବାନୀ ଗଣନାଟ୍ୟରେ ସେହି ନାଟକକୁ ମଞ୍ଚସ୍ଥ ହୁଏ। ଏହି ନାଟକଟି ଥିଲା–'ରଜନୀ ସଜନୀ ରାତି ପାହିଲା'। ସେଇ ଗୋଟିଏ ନାଟକ ମୋତେ ଯାତ୍ରା ଜଗତରେ ଦର୍ଶକଙ୍କ ସହ ପରିଚିତ କରିଥିଲା। ତା ପରବର୍ଷ ଶିବାନୀ ଗଣନାଟ୍ୟରେ



ବାହାଘର ନୁହେଁ ବାହାବଜାର୍, ତା'ପରେ ଅପେରା ସାଇଦୁର୍ଗାରେ ରଂଗିଲା ରାଗିଣୀ ରଙ୍ଗ ଝରିଲା, ଗତ ବର୍ଷ ବିଗ୍ ବଜେଟ ସ୍ୱର୍ଣ୍ଣମହଲ ପାଇଁ ହାଟ ବସେଇଛି ହଟନାଗରୀ ଆଦି ନାଟକ ଲେଖି ଦର୍ଶକ ଙ୍କ ପ୍ରିୟପାତ୍ର ହୋଇପାରିଛି। ତେବେ ମୋ ସଫଳତାର ଶ୍ରେୟ ଗୁରୁ କିଶୋର ଖଣ୍ଡୁଆଳଙ୍କୁ ଦେବି। ତେବେ ନାଟ୍ୟ ଜଗତକୁ ଆସିବା ପଛରେ ମୋ ସ୍ୱାମୀଙ୍କ ପ୍ରେରଣାକୁ ମୁଁ କେବେ ଭୁଲିପାରିବି ନାହିଁ। ତାଙ୍କ ସହଯୋଗ ମତେ ସବୁବେଳେ ଆଗକୁ ଯିବା ପାଇଁ ଉତ୍ସାହିତ କରିଥାଏ।

–ବନବିହାରୀ




## ହାଃ ହାଃ

### ବୁଢୀ

ମା' ପୁଅକୁ: ଏତେ ବୟସ ହେଲାଣି, କେବେ ଆଉ ବାହା ହେବୁ ? ସତ କହିଲୁ ତୁ କେମିତିଆ ଝିଅ ଚାହୁଁଛୁ ?
ପୁଅ: ଏମିତି ଝିଅ ଦରକାର ଯିଏ ଘରର କାମ କରିବ ଓ ମୋ ବୁଢୀ ମା'ର ଯତ୍ନ ନେବ ।
ମା' ରାଗିକି ପୁଅକୁ ଚାପୁଡାଟେ ମାରିବା ପରେ
ପୁଅ: ମାରିଲ କାହିଁକି ?
ମା': ତୁ ବୁଢୀ କାହାକୁ କହିଲୁ ହାଁ ?

### ବାର ଲୋକ


ପିଣ୍ଟୁ କାହାକୁ ଖୋଜୁଥାଏ ଏହା ଦେଖି ରାଜୁ: କାହାକୁ ଖୋଜୁଛୁ କିରେ ?
ପିଣ୍ଟୁ: ମୁଁ ସେ ବାରଜଣଙ୍କୁ ଖୋଜୁଛି ।
ରାଜୁ: କୋଉ ବାରଜଣଙ୍କୁ ?
ପିଣ୍ଟୁ: ସେଇ ବାରଜଣଙ୍କୁ ଯାହା ବିଷୟରେ ଘରେ ସବୁବେଳେ କହନ୍ତି ।
ରାଜୁ: କ'ଣ କହନ୍ତି ?
ପିଣ୍ଟୁ: କହନ୍ତି– ତୁ ଯଦି ଏମିତି ହେବୁ ତା'ହେଲେ ବାରଲୋକ କ'ଣ କହିବେ କହିଲୁ ?


### ସ୍ୱଭାବ


ମଣ୍ଟୁ: ଜାଣିଛୁ ଗୋପୀ ହେଲମେଟ ଓ ସ୍ତ୍ରୀର ସ୍ୱଭାବ ଏକାପରି ।
ଗୋପୀ: କେମିତି ?
ମଣ୍ଟୁ: ଏତିକି ଜାଣିପାରୁନୁ । ଉଭୟକୁ ମୁଣ୍ଡ ଉପରେ ବସେଇ ରଖିଲେ ଯାଇ ଜୀବନ ବଞ୍ଚି ରହିବ ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ ଫ୍ୟାଶନ ଡିଜାଇନର: ସବ୍ୟସାଚୀ ଶତପଥୀ, ଫଟୋ: ଅନିକେତ ଗୋସ୍ୱାମୀ

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।








# ପର୍ଯ୍ୟଟନର ସହର ଆଗ୍ରା

**ଉତ୍ତରପ୍ରଦେଶର ଏକ ଲୋକପ୍ରିୟ ସହର ହେଉଛି ଆଗ୍ରା ; ଯାହାର କଳା ଓ ସଂସ୍କୃତି ବେଶ୍ ସମୃଦ୍ଧ। ପର୍ଯ୍ୟଟନ କ୍ଷେତ୍ରରେ ବି ଏହି ସହରର ରହିଛି ବେଶ୍ ନାଁ । ସେଥିପାଇଁ ଏହାକୁ ଅନେକେ ପର୍ଯ୍ୟଟନର ସହର ବୋଲି ବି କହିଥାନ୍ତି...**



ଉତ୍ତରପ୍ରଦେଶର ଯମୁନା ନଦୀ ତଟଦେଶରେ ଅବସ୍ଥିତ ଆଗ୍ରା ହେଉଛି ଏଠାକାର ଏକ ଲୋକପ୍ରିୟ ସହର। କଳା, ସଂସ୍କୃତିରେ ଏହି ସହରର ଯେତିକି ନାଁ ରହିଛି ପର୍ଯ୍ୟଟନ କ୍ଷେତ୍ରରେ ବି ଏହା ସେତିକି ଲୋକପ୍ରିୟତା ହାସଲ କରିପାରିଛି। ବିଶେଷକରି ତାଜମହଲ ହେଉଛି ଏହି ସହରର ସବୁଠାରୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ; ଯାହାର ଚର୍ଚ୍ଚା କେବଳ ଭାରତରେ ନୁହେଁ ଭାରତ ବାହାରେ ବି ଢେର୍ ହୋଇଥାଏ। ତାଜମହଲ ସମେତ ଆଗ୍ରାରେ ଦେଖିବା ପାଇଁ ଆହୁରି ଅନେକ ଆକର୍ଷଣୀୟ ଦର୍ଶନୀୟସ୍ଥାନ ବି ରହିଛି ; ଯାହା ଆଗନ୍ତୁକଙ୍କ ମନକୁ ମୋହି ନେଇଥାଏ। ପର୍ଯ୍ୟଟନ ବ୍ୟତିତ ଆଗ୍ରାର ଖାଦ୍ୟପେୟ ବି ବେଶ୍ ମନଲୋଭା ହୋଇଥାଏ। ଆଗ୍ରା ଚାଟ୍, ଆଗ୍ରା ଲସି ଆଉ ଖାସ୍‌କରି ଆଗ୍ରା ପେଠାର ତ ଜବାବ୍ ନାହିଁ। ଖାସ୍ ସେଥିପାଇଁ ତ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ଗହଳି ପରିଲକ୍ଷିତ ହୁଏ।

### ଏଠାରେ କ'ଣ ରହିଛି ଦେଖିବାକୁ

**✻ତାଜମହଲ:** ଆଗ୍ରା ବୁଲିବାର ପ୍ରକୃତ ମଜା ତାଜମହଲ ଦେଖିବା ବିନା ଅଧୂରା ଲାଗେ। କାରଣ ଏହାର ଆକର୍ଷଣୀୟ ବାସ୍ତୁକଳା ଏତେ ମନଲୋଭା ଯେ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜୀବନରେ ଥରେ ହେଉନା କାହିଁକି ଏହାକୁ ଦେଖିବା ନିହାତି ଜରୁରୀ। ଶାହାଜାହାନ୍ ଓ ମୁମତାଜ୍‌ଙ୍କର ଅମର ପ୍ରେମର ଗାଥା ବଖାଣୁଥିବା ଏହି ଐତିହାସକ ପର୍ଯ୍ୟଟନସ୍ଥଳଟି କେବଳ ଭାରତରେ ନୁହେଁ ବିଦେଶରେ ବି ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି।

**✻ ଆଗ୍ରା କିଲ୍ଲା:** ଏହା ମଧ୍ୟ ଆଗ୍ରାର ଅନ୍ୟତମ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ମୋଗଲଙ୍କ ଦ୍ୱାରା ନିର୍ମିତ ଏହି କିଲ୍ଲା ବା ଦୁର୍ଗଟିର ଆକର୍ଷଣୀୟ ବାସ୍ତୁକଳା ଓ ସରଞ୍ଜନା ବେଶ୍ ଆଖିଦୃଶିଆ ଲାଗିଥାଏ।

ଏହାଛଡ଼ା ଆଗ୍ରାରେ ଦେଖିବା ପାଇଁ ମୁମତାଜ ମହଲ, ଜାହାଙ୍ଗିର ମହଲ, ମୋତି ମସ୍‌ଜିଦ୍, ଅମର ସିଂ ଗେଟ୍, ଇତିମାଦ୍ ଉଦ୍ ଦୌଲାହ କା ମକବରା, ଆକବର୍ କା ମକବରା, ଜାମା ମସ୍କୋ, ଚିନି କା ରୌଜା, ଅରମ୍ ବାଗ୍, ମରିୟମ୍ କା ମକବରା, ମେହତାବ ବାଗ୍, ମିନା ମସ୍କୋ, ମୋତି ମସ୍‌ଜିଦ୍, ମୁସାମ୍ମାନ ବୁର୍ଜ, ନଗିନା ମସ୍‌ଜିଦ୍, ଜସୱନ୍ତ କି ଛତ୍ରୀ,ପଲିୱାଲ୍ ପାର୍କ ଇତ୍ୟାଦି ଦର୍ଶନୀୟ ସ୍ଥାନ ବି ରହିଛି। ତା'ଛଡ଼ା ଫତେପୁର ସିକ୍ରି ବି ହେଉଛି ଆଗ୍ରା ନିକଟସ୍ଥ ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ।

### କଳା, ସଂସ୍କୃତିରେ ନିପୁଣ

ଆଗ୍ରାର କଳା, ସଂସ୍କୃତି ସତରେ ଅନନ୍ୟ। ତାଜ୍ ମହୋତ୍ସବ ହେଉଛି ଏଠାକାର ଏକ ପ୍ରମୁଖ ମେଳା ; ଯାହାକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କର ଏଠାରେ ବେଶ୍ ଭିଡ଼ ଜମେ। ଏହି ମେଳାରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ପାରମ୍ପରିକ ଚିତ୍ରକଳା ତଥା ସ୍ଥାନୀୟ ପାରମ୍ପରିକ ହସ୍ତକଳାର ଅନେକ ନିଦର୍ଶନ ଦେଖିବାକୁ ମିଳିଥାଏ। ତେଣୁ ଏହି ମେଳାକୁ ବୁଲି ଯାଇ ଆଗନ୍ତୁକ ଏଠାକାର କଳା, ସଂସ୍କୃତିକୁ ଖୁବ୍ ନିକଟରୁ ଜାଣିବାର ସୁଯୋଗ ପାଇପାରିବେ।


### ଅର୍ଥନୀତି

ଏଠାକାର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ହିଁ ନିର୍ଭର କରିଥାଏ। ତା'ଛଡ଼ା ଚାଷବାସରେ ବି ଏଠାକାର ଲୋକେ ବେଶ୍ ପାରିବାର। ଅନ୍ୟପକ୍ଷେ ଲେଦର୍‌ରୁ ବିଭିନ୍ନ ଆକର୍ଷଣୀୟ ହସ୍ତଶିଳ୍ପ ତଥା ଜୋତା ତିଆରି କରିବାରେ ମଧ୍ୟ ସ୍ଥାନୀୟ ଲୋକଙ୍କର ବେଶ୍ ରୁଚି ରହିଛି। ଏହାଛଡ଼ା ମାର୍ବଲ ଉପରେ ଖୁବ୍ ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିବାରେ ବି ଏଠାକାର ଲୋକେ ବେଶ୍ ସିଦ୍ଧହସ୍ତ। ଏସବୁରୁ ବି ସେମାନେ ବେଶ୍ ଭଲ ଦୁଇ ପଇସା ରୋଜଗାର କରିଥାନ୍ତି।

### କେବେ ଓ କେମିତି ଯିବେ:

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ହେଁ ଖାସ୍‌କରି ତାଜ୍ ମହୋତ୍ସବ ସମୟରେ ଏଠାରେ ବେଶ୍ ଗହଳି ପରିଲକ୍ଷିତ ହୋଇଥାଏ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ଆଗ୍ରା ଏୟାର୍‌ପୋର୍ଟ ହେଉଛି ଏଠାକାର ନିକଟତମ ତଥା ପ୍ରମୁଖ ବିମାନବନ୍ଦର। ସେହିପରି ଆଗ୍ରା କାଣ୍ଟୋନମେଣ୍ଟ ରେଳୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଳଷ୍ଟେଶନ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ବିଭିନ୍ନ ସ୍ଥାନରୁ ଆସୁଥିବା ଟୁରିଷ୍ଟ ବସ୍ ହେଉ ଅଥବା ନିଜସ୍ୱ ଯାନରେ ମଧ୍ୟ ଏଠାକୁ ସୁବିଧାରେ ବୁଲି ଆସିପାରିବେ।





# ହାତରେ ଖାଇଲେ ସ୍ୱାଦ ବଢ଼େ କାହିଁକି





**ପୃଥିବୀରେ ନାନା ପ୍ରକାରର ଖାଦ୍ୟ ଅଛି। ହେଲେ ଭାରତୀୟ ଖାଦ୍ୟର କଥା ଅଲଗା। ବିଭିନ୍ନ ପ୍ରକାର ମସଲାରେ ପ୍ରସ୍ତୁତ ଭାରତୀୟ ଖାଦ୍ୟର ସ୍ୱାଦ ସବୁଠୁ ନିଆରା। ଆଉ ଏହି ସ୍ୱାଦିଷ୍ଟ ଖାଦ୍ୟକୁ ଯେବେ ହାତରେ ଖିଆଯାଏ ତା'ର ସ୍ୱାଦ ଆହୁରି ବଢ଼ିଯାଏ। ହେଲେ କେବେ ଭାବିଛନ୍ତି ଖାଦ୍ୟକୁ ହାତରେ ଖାଇଲେ ତା'ର ସ୍ୱାଦ କାହିଁକି ବଢ଼େ? ଜାଣନ୍ତୁ ସେ ସମ୍ପର୍କରେ..**

ଭାରତରେ ହାତରେ ଖାଇବା ପରମ୍ପରା ବହୁ ପୁରାତନ। ଏଇ ହାତରେ ଖାଇବାକୁ ନେଇ ପୁଣି ସାରା ଭାରତରେ ଭିନ୍ନ ଭିନ୍ନ ନିୟମ ବି ଅଛି। ଯେମିତିକି ଉତ୍ତର ଭାରତରେ ଖାଇବା ପାଇଁ କେବଳ ଆଙ୍ଗୁଠିର ବ୍ୟବହାର କରାଯାଏ, ପୂରା ପାପୁଲି ନୁହେଁ। କିନ୍ତୁ ଦକ୍ଷିଣ ଭାରତରେ ଖାଇବା ପାଇଁ ଆଙ୍ଗୁଠି ସହ ପୂରା ପାପୁଲିର ବ୍ୟବହାର କରାଯାଏ। ଆଉ କୁହାଯାଏ ହାତରେ ଖାଇଲେ ଖାଦ୍ୟର ସ୍ୱାଦ ବଢେ। ତେବେ ସତରେ କ'ଣ ଏମିତି ହୁଏ ? ଏହାର ଉତ୍ତର ପାଇବା ଲାଗି ହୋଇଛି ଅନେକ ଗବେଷଣା। ନିକଟରେ ନ୍ୟୁୟର୍କର ଷ୍ଟିଭେନ୍ସ ୟୁନିଭର୍ସିଟିରେ ୫୦ଜଣଙ୍କ ଉପରେ ହୋଇଥିବା ଏକ ଗବେଷଣାରେ ଅଧାଲୋକଙ୍କୁ ହାତରେ ଏକ ଖାଦ୍ୟ ଖାଇବାକୁ ଦିଆଯିବାବେଳେ ଆଉ ଅଧାଙ୍କୁ ଚାମଚରେ ସେହି ଖାଦ୍ୟ ଖାଇବାକୁ ଦିଆଯାଇଥିଲା। ଗବେଷଣାରୁ ଜଣାପଡ଼ିଲା ଯେ, ହାତରେ ଖାଇଥିବା ଲୋକେ ଚାମଚରେ ଖାଇଥିବା ଲୋକଙ୍କ ଅପେକ୍ଷା ଖାଦ୍ୟକୁ ଅଧିକ ସ୍ୱାଦିଷ୍ଟ କହିଥିଲେ। ଏହି ଗବେଷଣାରେ ଏହା ବି ଦେଖିବାକୁ ମିଳିଲା ଯେ ହାତରେ ଖାଉଥିବା ଲୋକେ ଅଧିକ ଖାଇବାବେଳେ ଚାମଚରେ ଖାଇଥିବା ଲୋକ ଅଧା ଖାଇ ବି ପେଟଭର୍ତ୍ତି ହେବାଭଳି ଅନୁଭବ କରୁଥିଲେ। ଏହା ପଛର କାରଣ ଏହା ଥିଲା କି ଭୋଜନକୁ ହାତରେ ସ୍ପର୍ଶକଲେ ମସ୍ତିଷ୍କର ସେନ୍ସ ଅର୍ଗାନ ସକ୍ରିୟ ହୋଇଯାଏ। ଫଳରେ ଖାଦ୍ୟର ସ୍ୱାଦକୁ ଅଧିକ ଭଲଭାବେ ଅନୁଭବ କରିହୁଏ। ଆୟୁର୍ବେଦରେ ମଧ୍ୟ ହାତରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଇଛି। ଏହାଦ୍ୱାରା ଆମର ପାଞ୍ଚ ଇନ୍ଦ୍ରିୟ ସକ୍ରିୟ ହେବା ସହ ପାଚନକ୍ରିୟା ଭଲ ହୁଏ। ଆୟୁର୍ବେଦ ଅନୁସାରେ ଆମର ପାଞ୍ଚ ଆଙ୍ଗୁଠି ପାଞ୍ଚୋଟି ଅଲଗା ଅଲଗା ତତ୍ତ୍ୱକୁ ପ୍ରତିନିଧିତ୍ୱ କରେ। ତେଣୁ ଆମେ ଯେତେବେଳେ ହାତରେ ଖାଉ ସେହି ପାଞ୍ଚ ତତ୍ତ୍ୱ ସକ୍ରିୟ ହୁଏ, ଯଦ୍ୱାରା ଶରୀରର ଉର୍ଜା ବଜାୟ ରହେ। ଆଉ ଆମେ ଯେବେ ଖାଇବା ପାଇଁ ଖାଦ୍ୟକୁ ସ୍ପର୍ଶ କରୁ ମସ୍ତିଷ୍କକୁ ଖବର ପହଞ୍ଚିଯାଏ ଯେ, ଖାଦ୍ୟ ଖାଇବା ପାଇଁ ଆମେ ପୂରା ପ୍ରସ୍ତୁତ, ଯାହା ପାଚନ କ୍ରିୟାକୁ ସକ୍ରିୟ କରାଏ ଓ ପେଟ ସୁସ୍ଥ ରହେ। ଏବେ ବିଜ୍ଞାନ ବି କହୁଛି ହାତରେ ଖାଇଲେ ପାଚନ କ୍ରିୟା ସୁଧୁରିଥାଏ। କାରଣ ହାତରେ ଏମିତି କିଛି ବ୍ୟାକ୍ଟେରିଆ ଥାଆନ୍ତି, ଯାହା ହାନିକାରକ ହୋଇ ନ ଥାଆନ୍ତି। ବରଂ ଏହା ଭିନ୍ନ ଭିନ୍ନ ରୋଗରୁ ଆମକୁ ବଞ୍ଚାଏ। ତେବେ ଖାଇବା ପୂର୍ବରୁ ହାତକୁ ଭଲଭାବେ ଧୋଇବା ନିହାତି ଜରୁରୀ।



# ମଣିଷ ନା ଭୂତ



ପାକିସ୍ତାନ, କରାଚିର ଜଣେ ବାଳକ ବେଶ୍ ପରିଚିତ ମାନବ ପେଚାଭାବେ। କାରଣ ଏହି ପିଲାଟି ପେଚାଭଳି ନିଜ ମୁଣ୍ଡକୁ ହାତ ସାହାଯ୍ୟରେ ୧୮୦ ଡିଗ୍ରୀ ପର୍ଯ୍ୟନ୍ତ ବୁଲାଇପାରେ। ଅର୍ଥାତ୍ ପିଲାଟି ନିଜ ପଛପଟର ଦୃଶ୍ୟକୁ ବି ବେଶ୍ ସହଜରେ ଦେଖିବାକୁ ସକ୍ଷମ। ମହମ୍ମଦ ସମୀର ନାମକ ଏହି ପିଲାଟି କରାଚିନିବାସୀ। ମାତ୍ର ୬/୭ ବର୍ଷର ହୋଇଥିବାବେଳେ ସମୀର ଏକ ହଲିଉଡ୍ ହରର୍ ମୁଭିରେ ଜଣେ ବ୍ୟକ୍ତି ନିଜ ମୁଣ୍ଡକୁ ପଛକୁ ବୁଲାଇ ନିଜ ପଛପଟକୁ ଦେଖୁଥିବାର ଦେଖିଥିଲେ, ଯାହାକି ତାଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା। ଏହାପରେ ସେ ନିଜ ମୁଣ୍ଡକୁ କିଭଳି ପଛକୁ ବୁଲାଇପାରିବେ ଚେଷ୍ଟାକଲେ। ପ୍ରାୟ ଏକ ମାସର ଅଭ୍ୟାସ ପରେ ସେ ଏହି କାମରେ ପାରଙ୍ଗମ ହୋଇଗଲେ। ତେବେ ପ୍ରଥମେ ଯେବେ ସେ ଏଭଳି କରୁଥିଲେ ତାଙ୍କ ମା' ତାଙ୍କୁ ଏମିତି ନ କରିବା ଲାଗି ତାଗିଦ୍ କରିବା ସହ ମାରୁଥିଲେ। ହେଲେ ପରେ ଯେବେ ଜାଣିପାରିଲେ ଯେ, ତାଙ୍କ ପୁଅ ନିକଟରେ ଈଶ୍ୱରପ୍ରଦତ୍ତ କିଛି ସ୍ୱତନ୍ତ୍ରତା ରହିଛି। ସେତେବେଳେ ଏଭଳି କରିବାକୁ ଆଉ ବାଧା ଦେଲେନି। ସମୀରଙ୍କ ପରିବାର ବହୁତ ଗରିବ। ତାଙ୍କ ବାପା ରୋଗଗ୍ରସ୍ତ। ତେଣୁ କମ୍ ବୟସରେ ପରିବାର ଚଳାଇବା ଭାର ସମୀରଙ୍କ ଉପରେ ପଡ଼ିଥିଲା। ଶେଷରେ ତାଙ୍କର ଏହି ନିଆରା ଦକ୍ଷତା ତାଙ୍କୁ ରୋଜଗାରର ବାଟ ଦେଖାଇଲା। ସେ ପାଠପଢ଼ା ଛାଡ଼ି ନୃତ୍ୟ ଶିଖିଲେ। ଆଉ ବିଭିନ୍ନ ଡ୍ୟାନ୍ସ ପ୍ରୋଗ୍ରାମ କଲେ। ତା'ସହ ନିଜର ଏହି ସ୍ୱତନ୍ତ୍ର କଳାକୁ ବି ପ୍ରଦର୍ଶିତ କଲେ, ଯଦ୍ୱାରା ପ୍ରତି ଶୋ'ରେ ଭଲ ରୋଜଗାର ହେଲା। ତେବେ ସେ ଦିନେ ହଲିଉଡ୍ର କୌଣସି ଏକ ହରର୍ ମୁଭିରେ କାମ କରିବାର ଆଶା ରଖିଛନ୍ତି।



## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# କାମୁଡା ଘୋଡ଼ା ମୁଖେ ଦେଲି...



ଜଣେ ରାଜା ଅତ୍ୟନ୍ତ ପ୍ରଜାବତ୍ସଳ, ପରୋପକାରୀ, ନିର୍ମଳ ଚରିତ୍ର, ସର୍ବଜନାଦୃତ ପ୍ରିୟବ୍ୟକ୍ତି ଥିଲେ । ଦିନେ ତାଙ୍କ ପୁରୁଣା ବାହନର ମୃତ୍ୟୁ ହୋଇଗଲା । ତେଣୁ ସେ ଯେଉଁ ଦ୍ୱିତୀୟ ବାହନ ଆଣିବାକୁ ପସନ୍ଦ କଲେ, ସେଇଟି ଥିଲା ଖୁବ୍ ଚତୁର ଗୁଣର, ଦ୍ରୁତଗାମୀ, ହର୍ସ ରେସ୍ ପ୍ରତିଯୋଗିତାରେ ଭଲ ରେକର୍ଡ କରିଥିବା ଘୋଡ଼ା । ଏଇ ଘୋଡ଼ାକୁ ବାହନ ରୂପେ ରାଜା ଗ୍ରହଣ କରିବା ପରେ ଚତୁର ଘୋଟକ ପ୍ରତିଦିନ ପ୍ରଭୁ-ଭକ୍ତିର ପ୍ରମାଣ ତା' ଆଚରଣରେ ଦେଖେଇଲା। ପ୍ରଭୁଙ୍କ ଚରଣରେ ପ୍ରଣାମ ନ କରିବା ଯାଏ ଘୋଡା ବିଡ଼ାଏ ନଡ଼ା ଚୋବେଇଲା ନାହିଁ କି ପାଟିରେ ପାଣି ଟୋପାଏ ଦେଲାନାହିଁ। ଏମିତିକା ବାହନ ପାଇ ବଡ଼ ଭାଗ୍ୟବାନ ମଣିଲେ ଓ ପାଖରୁ ଛାଡୁନ ଥିଲେ ରାଜା।

ରାଜାଙ୍କର ଯାବତୀୟ ସଦ୍‌ଗୁଣ ଭର୍ତ୍ତି ହୋଇଥିଲେ ବି ଯେହେତୁ ସିଏ ଦେବଲୋକରୁ ଖାସ୍ ରାଇଜ ସମ୍ଭାଳିବାକୁ ମର୍ତ୍ତ୍ୟରେ ଜନମ ହୋଇଥିଲେ, ଦେବତାଙ୍କ ପାନୀୟ ସୋମରସ ଅଭ୍ୟାସ ପୂର୍ବ ସଂସ୍କାର ବଶରୁ ଛାଡ଼ିପାରି ନ ଥିଲେ । ତେଣୁ ସେଇ ସୋମରସର ରୂପାନ୍ତରିତ ପାନୀୟ ରାଜ୍ୟରେ ପ୍ରଚୁର ଉପଲବ୍ଧ ହେଉଥିବାରୁ ଆପେ ପିଇ ପ୍ରଜାଙ୍କୁ ପିଆଇବାରେ ଉତ୍ସାହିତ କରୁଥିଲେ । ସେଇ ରସ ପାନ ପରେ ସର୍ବଦା ସ୍ୱର୍ଗୀୟ ଭାବନାରେ ବୁଡ଼ି ରାଇଜକୁ ସରଗ କରିବାର ସପନ ଦେଖାରେ କେବେ ଅବହେଳା କରୁ ନ ଥିଲେ । ଏଇ ନ୍ୟାୟବାନ ରାଜାଙ୍କୁ ପ୍ରଜାଗଣ ସାକ୍ଷାତକରି ହାରିଗୁହାରି ଶୁଣେଇବାକୁ ଭିଡ଼ ଜମେଇଲେ । ସୁଖ ସ୍ୱପ୍ନ ବ୍ୟାଘାତ ହେବା ଭୟରେ ତାଙ୍କ କାର୍ଯ୍ୟ କାହା ଦ୍ୱାରା କରେଇବେ ଚିନ୍ତା କରୁଥିଲେ । ଆପଣ ଭାବୁଥିବେ ଯେ ରାଜା ତାଙ୍କ ନିଜ ମନ୍ତ୍ରୀ ପାରିଷଦଙ୍କ ଉପରେ ଦାୟିତ୍ୱ ଦେବାକୁ ସ୍ଥିର କରିଥିବେ । ନା ନା, ରାଜା ଜ୍ଞାନୀ । ସେ କ'ଣ ଜାଣି ନ ଥିଲେ କି 'ଘର ଢିଙ୍କି କୁମ୍ଭୀର ହୁଅନ୍ତି... ଅଣ୍ଟି ଛୁରି ତଣ୍ଟି କାଟନ୍ତି' ବୋଲି ! ତେଣୁ ନିଜ ଲୋକଠୁ ପର ଠେଇଁ ପରା ତାଙ୍କ ବିଶ୍ୱାସ ବେଶି ! ମାତ୍ର ରାଜା ଲକ୍ଷ୍ୟ ରଖିଥିଲେ ଯେ ତାଙ୍କ ଘୋଟକ ବାହନ ଅଧିକ ଯୋଗ୍ୟ, ସର୍ବଗୁଣସମ୍ପନ୍ନ । କୁଆଡେ ଏଇ ଘୋଟକ ପୂର୍ବ ଜନ୍ମରେ ଦେବର୍ଷି ନାରଦଙ୍କ ଶିଷ୍ୟ ତଥା ଶକୁନିଙ୍କ ଶିକ୍ଷାଳୟରୁ ଉତ୍ତୀର୍ଣ୍ଣ ସଂସ୍କାରିତ ଛାତ୍ର ଥିଲେ । ତାଙ୍କ ବିଚକ୍ଷଣ ବୁଦ୍ଧି ଦେଖି ରାଜା ତାଙ୍କ ବାହନ ଉପରେ ପୂର୍ଣ୍ଣ ବିଶ୍ୱାସ-ଭରସା ରଖିଲେ ଯେ ସମସ୍ତ ରାଜ-କାର୍ଯ୍ୟ, ସବୁ ସମସ୍ୟାର ସମାଧାନ -ଏକମାତ୍ର ତାଙ୍କ ବାହନ ତୁଲେଇବାକୁ ସମର୍ଥ । ଦିନେ ରାଜା ତାଙ୍କ ମନକଥା କହି ମତାମତ ଚାହିଁବାରୁ, ବାହନଟି ମୁଖରେ ସ୍ମିତ-ହାସ ପ୍ରକଟ କରି ଚରଣେ ପ୍ରଣାମ ଜଣେଇ କରଯୋଡ଼ି କହିଲେ, ହେ ରାଜନ ! ମୋ ଭଳି ଅଭାଜନ ଉପରେ ଆପଣ କରିଛନ୍ତି ଯେଉଁ ଆସ୍ଥାଭାଜନ, ଏଇ ବାହନ ଆଜିଠାରୁ ଆପଣଙ୍କ ସମସ୍ତ ଦାୟିତ୍ୱ କରିବ ବହନ । ମତେ ପରା ଭଗବାନ ଆପଣଙ୍କ ସେବା ପାଇଁ ପଠେଇଛନ୍ତି ! ମୋ ଜୀବନ-ଯୌବନ, ବୁଦ୍ଧି-ବଳ ଆପଣଙ୍କ କାର୍ଯ୍ୟରେ ଖଟେଇବାକୁ କହିଛନ୍ତି । ଆପଣ ନିଶ୍ଚିନ୍ତ ରୁହନ୍ତୁ ମହାରାଜ ! ମୁଁ ଏକା କରିଦେବି ସବୁ କାମ ସହଜ ! ମାତ୍ର ଗୋଟିଏ ସର୍ତ୍ତ ଆପଣଙ୍କୁ ରଖିବାକୁ ପଡ଼ିବ । ତା' ପରେ ସବୁକାମ ହାଲୁକା ହୋଇଯିବ । ଆପଣଙ୍କ ଯୋଉଠି ଯୋଉ କାର୍ଯ୍ୟକ୍ରମ ହେବ, ଯଥା କୋଉ ଅଟ୍ଟାଳିକା ହେଉ କି ଅନୁଷ୍ଠାନ ଉଦ୍‌ଘାଟନ, ଅଥବା କୋଉ ମଞ୍ଚରେ ଭାଷଣ ପାଇଁ ନିମନ୍ତ୍ରଣ , ଯୋଉଠିକି କରିବେ ଗମନ, ମୋର ସବୁଠି ରହିବ ଉପସ୍ଥାନ । ଯାହାଦ୍ୱାରା ଆପଣଙ୍କ ପ୍ରିୟ ପାଖ ଲୋକଙ୍କଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତଙ୍କ ବିଶ୍ୱାସ ଜନମିବ ଯେ ମୁଁ ଆପଣଙ୍କ ଏକମାତ୍ର ଭରସାଯୋଗ୍ୟ ସେବକ ଏବଂ ଆପଣଙ୍କ କାର୍ଯ୍ୟ କରିବା ନିମନ୍ତେ ଆଦେଶପ୍ରାପ୍ତ । ତାହା ହିଁ ହେଲା । ରାଜାଙ୍କର ଯହିଁ ଯହିଁ ହୋଇଲା ଗମନ, ତହିଁ ସ୍ଥାନେ ଅତି ପାଖରେ ଘୋଟକ-ବାହନର ମିଳିଲା ଦର୍ଶନ । ଖାଲି କ'ଣ ସେତିକି ? ରାଜାଙ୍କ ପରି ଏଇ ଘୋଟକର ଅଭ୍ୟର୍ଥନା.. ଚରଣ ଧୌତ -ପାଦ ବନ୍ଦନା କରାଗଲା । ମଞ୍ଚରେ ରାଜା ମଧ୍ୟ ଏଇ ଘୋଟକର ଭୁରି ପ୍ରଶଂସା କରି ତା ମୁହଁରେ ଘନ ଘନ ଚୁମ୍ବନ ଦେଉଥିବା ଦେଖି, ସର୍ବପ୍ରଜାଙ୍କଠୁ ପାରିଷଦ କର୍ମଚାରୀଗଣଙ୍କ ଧାରଣା ବଦଳିଗଲା.. ବାହନର ପାୱାର ଜାଣିଲା ପରେ । ତେଣୁ ରାଜାଙ୍କ ପ୍ରିୟଭାଜନ ତଥା କୃପାଲାଭ ଆଶାରେ ସାଧାରଣ ପ୍ରଜାଙ୍କ ସହିତ ଆଚ୍ଛା ଆଚ୍ଛା ପଣ୍ଡିତମାନେ ମଧ୍ୟ ଏଇ ଘୋଟକ ମହାଶୟଙ୍କ ପାଦ ବନ୍ଦନ-ପୂଜନରେ ମାତିଗଲେ । ରାଜା ବି ଭାରି ଖୁସ୍ । କାରଣ ସେ ଦେଖିଲେ ତାଙ୍କ ଭରସାଯୋଗ୍ୟ ବାହନ ପାଇଁ ତାଙ୍କ ମନ୍ତ୍ରୀ, ପାରିଷଦ, ପ୍ରଜା ଏ ଭୟ ରଖୁଛନ୍ତି, ଭଲ ପାଉଛନ୍ତି, ଭକ୍ତି ବି ଜୋରରେ କରୁଛନ୍ତି । ତା' ଛଡା ରାଇଜର ପ୍ରବଳ ଉନ୍ନତି ହେଉଛି ବୋଲି ବଡ ବଡ଼ ବିଜ୍ଞାପନ ବୋର୍ଡରୁ ପ୍ରଣାମ ମିଳୁଛି । ତାଙ୍କୁ ଲାଗିଲା, ଏଇଟା ସାଧାରଣ ଘୋଡା ନୁହଁ, ବରଂ ଖାଣ୍ଟି ଭଗବାନଙ୍କ ହୟଗ୍ରୀବ ଅବତାର କି ଆଉ ! ଘୋଟକ ଅବତାର ସର୍ବଦା ରାଜାଙ୍କ ମୁଖରେ ହସ ଦେଖି ଦେଖେଇବାକୁ ତାଙ୍କ ମୁହଁକୁ ଅନେଇଁ ହେଁ ହେଁ.. ହେଁ ହେଁ.. ହେଁ ହେଁ ହୋଇ ହସାଉଥାନ୍ତି, ଆଉ ରାଜାଙ୍କ ପାଖକୁ ସାକ୍ଷାତ କରିବାକୁ ଆସୁଥିବା ମନ୍ତ୍ରୀ-ପାରିଷଦଙ୍କୁ ଶକତ ପଛୁଆ ଲାତ ମାରି ବିଦା କରିଦିଅନ୍ତି । ରାଜା ବି ଜଞ୍ଜାଳ ମୁକ୍ତ...ଫୁଲ୍ ରିଲାକ୍ସ ଫିଲ୍ କଲେ । ଘୋଟକ ବାହନ ବି ରାଜାଙ୍କ ସହ ସାରା ରାଇଜ ବୁଲିବା ଦ୍ୱାରା ତା'ର ସମ୍ମାନ ଶହେଗୁଣା ବଢ଼ିସାରିଥାଏ । ସିଏ ନିଜକୁ ମୁଣ୍ଡିଆଳ ସମ ମଣିସାରିଥାଏ । ହେଲେ ବୁଝିବା ବାକିରହିଥାଏ ଯେ... ମହାଦେବଙ୍କ ପାଇଁ ଭକତଗଣ ଷଣ୍ଢ ପଛପଟକୁ ଆଉଁସି ପକାନ୍ତି ବୋଲି । କୁସୁମ ପାଇଁ ପଟ ନିସ୍ତରେ.. ପ୍ରଭୁଙ୍କ ଗଳାରେ ମାଳ ହୋଇ ଝୁଲେ । ସେମିତି ରାଜା ବିନା ବାହନ କି ମୂଲ୍ୟ ନା କି ସମ୍ମାନ ?

ଅନେକ ଦିନ ପରେ ଘୋଡ଼ା ଚଢ଼ାଳିମାନଙ୍କ ମଧ୍ୟରେ ଦୌଡ଼ ପ୍ରତିଯୋଗିତାର ସୁଯୋଗ ଆସିଲା । ଯିଏ ଜିତିବ, ବଡ଼ ସମ୍ମାନରେ ସମ୍ମାନିତ ଓ ପୁରସ୍କୃତ କରାଯିବ । ବାହନ ଏଇ ସୁଯୋଗର ଅପେକ୍ଷାରେ ଥିଲା ଓ ଭାବୁଥିଲା -'ମିତ୍ର ପଣେ ଥାଇ... ରାଜାଙ୍କୁ ପଙ୍ଗୁ କରିଦେଲେ ଯାଇ' ନୀତି ଆପଣେଇ ରାଜାଙ୍କୁ ଅତି ସୁନ୍ଦର ଭାବରେ କୌଶଳ କ୍ରମେ କଚାଡି ଦେଇ ଦୌଡ଼ିଲା । ମାତ୍ର ଆରୋହୀ ବିନା ତୁଚ୍ଛା ଘୋଡା ହାରିଲା । ଫେରିଆସି ରାଜାଙ୍କୁ କ୍ଷମା ମାଗିବାର ଛଳରେ ଭାଗ୍ୟ-ଭଗବାନଙ୍କ ଉପରେ ଦୋଷ ଲଦିଲା । ଅନ୍ଧ-ଧୃତରାଷ୍ଟ୍ର ତ ପୁଣି ଶେଷଯାଏ ବୁଝି ନ ଥିଲେ ନିଜ ଶଳା ଶକୁନି ଚାଲ୍ କି ଦୁର୍ଯ୍ୟୋଧନ ବି ଜାଣି ନ ଥିଲେ ମାମୁଙ୍କ କରାମତି ! ତେଣୁ ନିଜର ଓ ବଂଶ ବୁଡେଇବା ପର୍ଯ୍ୟନ୍ତ ତାକୁ ପାଖରେ ଜାକିଧରି ଧରିଥିଲେ ନା..!

ରାଜା ଆହତ ହୋଇ ପରାଜିତ ହେବା ପରେ ବି ଅଭ୍ୟାସ ବଶରୁ ଘୋଡ଼ା ମୁଖରେ ଚୁମ୍ବନ ଦେବାକୁ ଅଧର ଲମ୍ବେଇ ଖୋଜୁଥିଲା ବେଳେ ଅନ୍ଧ ଭିକାରି ବସି ଗାଉଥିଲା... 'ଖଡାରେ ଜଡ଼ା ଦେଇ କଲି ରନ୍ଧନ.. କାମୁଡା ଘୋଡ଼ା ମୁଖେ ଦେଲି ଚୁମ୍ବନ... '! କିନ୍ତୁ ରାଜା ଘୋଡ଼ା କାମୁଡା ଯନ୍ତ୍ରଣା ଅନ୍ତରରେ ଅନୁଭବ କରୁଥିଲେ ମଧ୍ୟ କାହାକୁ କହିପାରୁ ନ ଥିଲେ... ।


*-ମଙ୍ଗରାଜପୁର, ପୁରୀ ମୋ:୭୦୦୮୧୮୮୮୪୭*

## ପୁସ୍ତକ ସମୀକ୍ଷା

### ଘାଆର ଝୋଟି

**ଶ୍ରୀହରି ଧଳ, ପ୍ରକାଶକ- ବନଫୁଲ, ଭିଏସ୍ଏସ୍ ନଗର ଭୁବନେଶ୍ୱର, ମୂଲ୍ୟ- ୧୭୫ଟଙ୍କା**


'ଘାଆର ଝୋଟି'ରେ ୮୦ କବିତା ରହିଛି। ପ୍ରଥମ କବିତାର ନାମ ଅନୁସାରେ ପୁସ୍ତକର ନାମକରଣ କରାଯାଇଛି। କବିତାଗୁଡିକରେ ଆମ ଚାରିପାଖରେ ଘଟୁଥିବା ଦୈନନ୍ଦିନ ଚଳଣି, ସଂସ୍କୃତି ଓ ପରାମ୍ପରାର ଚିତ୍ର ଦେଖିବାକୁ ମଳିଛି । ମଣିଷ ଜୀବନରେ ସମସ୍ୟା ଛାଡେ ନାହିଁ ଯେମିତି ଘାଆ ଶୁଖିବାକୁ ବହୁ ଦିନ ଲାଗେ ଯନ୍ତ୍ରଣା ଦିଏ । ଆଉ ଶୁଖେ କିନ୍ତୁ ଚିହ୍ନ ରହେ। ଘାରେ ଘାରେ ଗୋଟେ ପରାସ୍ତ ଦିନର ଦୃଶ୍ୟ ଲେଖେ କାଳ ଫର୍ଦ୍ଦରେ। (ଘାଆର ଝୋଟି ପୃଷ୍ଠା- ୨) । ସେହିପରି କ୍ଷେତ କବିତାରେ ଭୋକ ଲାଗିଲେ ଭାତ ଖାଇବାକୁ ପଡେ । ଆଉ ସେହିପରି କବିତା ଲେଖିବାକୁ ଶବ୍ଦ ଶହ ଖେଳ ଖେଳିବାକୁ ହୁଏ । (କ୍ଷେତ-ପୃଷ୍ଠା-୧୫୫) । ସେହିପରି ହୁରି ଏମିତି/ରାଧୁଆ / ବାଘ ଆସୁ ନ ଥାଏ/ କି କିଛି ଘଟୁ ନ ଥାଏ ସେମିତି/ମିଛ ହୁରି ସତ ବେଳକୁ/ ରାଧୁଆ ଥାଏ। କେମିତି ମିଛରେ ମଣିଷ ହିନସ୍ତା ହୁଏ ଏ କବିତାରେ ଚମତ୍କାର ଭାବେ କବି ଧଳ ଉପସ୍ଥାପନ କରିଛନ୍ତି। ପୁସ୍ତକର ଯେ କୌଣସି କବିତା ପାଠ କରନ୍ତୁ ତାହା ନିଶ୍ଚୟ ବାନ୍ଧି ରଖିବ ଏଥିରେ ସନ୍ଦେହ ନାହିଁ।




### ଭାରତୀୟ ମିନି ଗଳ୍ପ

**ଅନୁବାଦ- ନଗେନ୍ଦ୍ର ନାଥ ପଟ୍ଟନାୟକ, ପ୍ରକାଶକ- ଲିପିକା ନିଜିଗଡକୁରୁଖି, ହରିରାଜପୁର, ପୁରୀ ମୂଲ୍ୟ- ୧୮୦ଟଙ୍କା**


'ଭାରତୀୟ ମିନି ଗଳ୍ପ' ଅନୁବାଦ ପୁସ୍ତକଟି ହେଉଛି ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ ବିଭିନ୍ନ ଭାଷାରୁ ଅନୁବାଦ ହୋଇଥିବା ଅଣୁଗଳ୍ପ। ଏଥିରେ ୬୯ ଗଳ୍ପ ରହିଛି। କେତେଗୁଡିକର ଉଦାହରଣ ଏଠି ନିଆଯାଇ ପାରେ ଯେମିତିକି ପରବାୟ ଗପରେ ମା' ପୁଅକୁ ରେନ୍‌କୋଟ୍ ନେଇ ଅଫିସ ଯିବାକୁ କହୁଛନ୍ତି । କିନ୍ତୁ ବର୍ଷା ନ ହେବାରୁ ପୁଅ ମା' ଉପରେ ଖପ୍ପା ହୋଇ କାହିଁକି ରେନ୍‌କୋଟ ନେବାକୁ ମତେ କହୁଛ ବୋଲି କହିଥିଲା । କିନ୍ତୁ ସନ୍ଧ୍ୟାରେ ପୁଅ ଅଫିସରୁ ଫେରିବା ବେଳେ ପ୍ରବଳ ବର୍ଷା ହୋଇଥିଲା । ମା' ଅପେକ୍ଷା କରିଛି ଛତା ଆଉ ରେନ୍‌କୋର୍ଟ ଧରି ପୁଅକୁ ବର୍ଷାରେ ନେଇ ଯିବ ବୋଲି । କିନ୍ତୁ ପୁଅ ମା'କୁ କହୁଛି ସରି ମା' । ଖରଚ ଗପରେ କିଭଳି ଯୋତା ପଲିସ ଲାଗି ଖରଚ କରିବାକୁ ପଡୁଛି ସେ ବିଷୟରେ ଚମତ୍କାର ଭାବେ ବର୍ଣ୍ଣନା କରାଯାଇଛି। ପୁସ୍ତକରେ ଯେକୌଣସି ଗପ ପଢନ୍ତୁ ତାହା ନିଶ୍ଚୟ ମନକୁ ଛୁଇଁବ ସେଥିରେ ସନ୍ଦେହ ନାହିଁ।




### ବିବର ଶେଷର ସୂର୍ଯ୍ୟୋଦୟ

**ବନମାଳୀ ସେନାପତି, ପ୍ରକାଶକ- ପ୍ରଦୀପ୍ତ କୁମାର ଜେନା ବଳଦେବ ପ୍ରେସ, କେନ୍ଦ୍ରାପଡା, ମୂଲ୍ୟ-୧୫୦ ଟଙ୍କା**

'ବିବର ଶେଷର ସୂର୍ଯ୍ୟୋଦୟ' ବନମାଳୀ ସେନାପତିଙ୍କ ଗଳ୍ପ ପୁସ୍ତକ । ଏଥିରେ ୧୭ ଗପ ରହିଛି । ପ୍ରଥମ ଗପ ନାମରେ ପୁସ୍ତକର ନାମକରଣ କରାଯାଇଛି । ପ୍ରଥମ ଗପରେ ଗାଳ୍ପିକ ନିଖୁଣ ଭାବରେ ସାପ ଚରିତ୍ରକୁ ବର୍ଣ୍ଣନା କରିଛନ୍ତି । ଗାତ ଭିତରେ ଅଣନିଶ୍ୱାସୀ ହୋଇ ମରିବା ଅପେକ୍ଷା, ଗାତ ବାହାରେ ଖୋଲା ଅକାଶ ତଳେ ମରିବା ଭଲ । ପ୍ରକୃତରେ କେଡେ ଭୟାଳୁ ଏ ମଣିଷଗୁଡା। ତା ପାଖକୁ ସାମ୍‌ନା ସାମ୍‌ନି ଆସିବାକୁ ଭୟ କରନ୍ତି, ଦୂରରୁ ଥାଇ ଟେକା, ପଥର, ବାଡିରେ ଆକ୍ରମଣ କରିବାକୁ ଭଲ ପାଆନ୍ତି । ମଣିଷ ଚରିତ୍ର କିଭଳି ହିଂସ୍ର ହେଉଛି ଦିନକୁ ଦିନ ସେ ବିଷୟରେ କହିଛନ୍ତି। ସାପଠାରୁ ବି ମଣିଷ ଭୟଙ୍କର । ଯାହାକୁ ନେଇ ବର୍ଣ୍ଣନା କରାଯାଇଛି । ସେହିପରି ବୋଉ ଓ ହଳଦୀବସନ୍ତ ଗପରେ ଗାଳ୍ପିକ ବୋଉ ଚରିତ୍ରକୁ ସୁନ୍ଦର ଭାବେ ଉପସ୍ଥାପିତ କରିଛନ୍ତି । ସେମିତି ଅନ୍ଧାର ଜଙ୍ଗଲ ପଢନ୍ତୁ କିମ୍ବା ତୁମେ ଅସାଧାରଣ, ସବୁଗଳ୍ପ ନିଶ୍ଚୟ ପାଠକଙ୍କୁ ମୋହାଚ୍ଛନ୍ନ କରିବ ।



# ଇସ୍ କି ଡିଜାଇନ୍!

ଫ୍ୟାଶନ ନାଁରେ ଅଜବ ଅଜବ ଡିଜାଇନ୍‌ର ପୋଷାକ ଦେଖିଥିବେ। ସେମିତି ଏକ ଅଜବ ପ୍ୟାଣ୍ଟ ଆଣିଛି ବ୍ରିଟେନ୍ ଓ ଇଟାଲୀର ଏକ ମ୍ୟାନୁଫେକ୍ଚରର ବ୍ରାଣ୍ଡ ଜାର୍ଡନଲୁକା। ଏହାକୁ ପିନ୍ଧିଥିବା ବ୍ୟକ୍ତିଙ୍କୁ ଦେଖିଲେ ଲାଗିବ ସତେଯେମିତି ବ୍ୟକ୍ତି ଜଣକ ପ୍ୟାଣ୍ଟରେ ପରିସ୍ରା କରିଦେଇଛନ୍ତି। ଭାବୁଥିବେ ପରିହାସର ପାତ୍ର ହେବା ପାଇଁ ଭଲା କିଏ କାହିଁକି ଏହି ପ୍ୟାଣ୍ଟ ପିନ୍ଧିବ? ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ପ୍ୟାଣ୍ଟ ଏବେ ଭାରି ଲୋକପ୍ରିୟ। ପ୍ୟାଣ୍ଟର ଜିପ୍ ପାଖରେ ଥାଏ ପରିସ୍ରାର ଚିହ୍ନ। ଏହାର ମୂଲ୍ୟ ୬୭,୦୦୦ ଟଙ୍କା। ଜର୍ଡାନ୍ ବୋବେନ ଓ ଲୁକା ମାର୍ଚେଟୋ ନାମକ ଦୁଇ ଫ୍ୟାଶନ ଡିଜାଇନର ୨୦୧୮ରେ ଏହି ଜିନ୍ସକୁ ଡିଜାଇନ୍ କରିଥିଲେ। ୨୦୨୨-୨୩ ମସିହାରେ ଏହି ଜିନ୍ସର ବିକ୍ରି ୧୫% ବୃଦ୍ଧି ପାଇଛି, ଯାହା ଦର୍ଶାଉଛି ଯେ, ଏହାର ଡିମାଣ୍ଡ କେତେ! ମହିଳାମାନେ ବି ଏହି ପ୍ୟାଣ୍ଟ ବେଶ୍ ଖୁସିରେ ପିନ୍ଧୁଛନ୍ତି।



ବ୍ୟାକ୍ ପେଜ୍



# ମଇଁଷି ଉପରେ ପାଟ୍ରୋଲିଂ

ଦିନ ଥିଲା ଲୋକେ ବଳଦ ଗାଡ଼ି ଅବା ଘୋଡ଼ା ଗାଡ଼ି ବ୍ୟବହାର କରୁଥିଲେ ଯିବା ଆସିବା କରିବା ପାଇଁ। ହେଲେ ଏବେ ଏହାର ସ୍ଥାନ ନେଇଯାଇଛି ଇନ୍ଧନରେ ଚାଲୁଥିବା ଯାନବାହନ ଅବା ବୈଦ୍ୟୁତିକ ଯାନ। ଏବେ କେଉଁଠି ବି ଦେଖିବାକୁ ମିଳୁନାହିଁ ବଳଦ ଗାଡ଼ି କି ଘୋଡ଼ା ଗାଡ଼ି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଆଜିକା ସମୟରେ ଏମିତି ବି ଏକ ସ୍ଥାନ ଅଛି, ଯେଉଁଠି ମଇଁଷିର ବ୍ୟବହାର ହେଉଛି। ହେଲେ ଖାସ୍ କଥା ହେଉଛି ଏଠାକାର ପୋଲିସ ହିଁ କେବଳ ମଇଁଷିକୁ ବ୍ୟବହାର କରନ୍ତି। ସେ ପୁଣି ପାଟ୍ରୋଲିଂ ପାଇଁ। ତେବେ ଜାଣନ୍ତି କି ଗାଡ଼ି ବଦଳରେ ମଇଁଷି ଉପରେ ପୋଲିସର ଏଭଳି ଅଜବ ପାଟ୍ରୋଲି କେଉଁଠି ହୁଏ? ବ୍ରାଜିଲର ମରାଜୋ ଦ୍ୱୀପରେ। ପୃଥିବୀର ଏ ହେଉଛି ଏକମାତ୍ର ପୋଲିସ ବାହିନୀ, ଯେଉଁଠି ପାଟ୍ରୋଲିଂ ପାଇଁ ମଇଁଷିର ବ୍ୟବହାର କରାଯାଏ। ମରାଜୋ ଦ୍ୱୀପରେ ମଇଁଷିଙ୍କ ସଂଖ୍ୟା ମଣିଷଠୁ ଅଧିକ। ଏଠାକାର ଅର୍ଥ ବ୍ୟବସ୍ଥାର ଏକ ବଡ଼ଭାଗ ଏହି ମଇଁଷି ସହ ଜଡ଼ିତ। ଏହି ମଇଁଷିଗୁଡ଼ିକ ଭାରତୀୟ ମଇଁଷିଠାରୁ ଭିନ୍ନ। ଏମାନେ ପାଣି ଓ ଦଳ ଥିବା ସ୍ଥାନରେ ଆରାମରେ ଯାଇପାରନ୍ତି। ଏହି ମଇଁଷି ଅପରାଧୀଙ୍କୁ ପାଣି, କାଦୁଅରୁ ବି ଟାଣି ଆଣିବାରେ ସକ୍ଷମ। ବିଭିନ୍ନ ଅପହଞ୍ଚ ସ୍ଥାନ, ଯେଉଁଠିକୁ ଗାଡ଼ି ଯାଇପାରେନା ସେଠାକୁ ଏହି ମଇଁଷି ସହଜରେ ଯାଇପାରେ। ତେଣୁ ଏଠାକାର ପୋଲିସ ପାଟ୍ରୋଲିଂ ପାଇଁ ଏହି ମଇଁଷିକୁ ହିଁ ବ୍ୟବହାର କରିବାକୁ ବେଶ୍ ପସନ୍ଦ କରନ୍ତି।





# ୧୦୦୦ରୁ ଊର୍ଦ୍ଧ୍ୱ ସନ୍ତାନର ବାପା

ମଙ୍ଗୋଲ ରାଜବଂଶର ପ୍ରତିଷ୍ଠାତା ଚେଙ୍ଗେଜ ଖାଁ ଇତିହାସର ଜଣେ ବଡ଼ ଯୋଦ୍ଧାଭାବେ ବେଶ୍ ପରିଚିତ। ୧୧୬୨ରେ ଜନ୍ମିତ ଚେଙ୍ଗେଜ ୧୨୦୬ରୁ ୧୨୨୭ ପର୍ଯ୍ୟନ୍ତ ରାଜୁତି କରିଥିଲେ। ତାଙ୍କର ଋଷର ମସ୍କୋରୁ ଆରମ୍ଭକରି ଚାଇନାର ବେଜିଂ ପର୍ଯ୍ୟନ୍ତ ପ୍ରାୟ ୩୦ ମିଲିୟନ ବର୍ଗ କି.ମି. ପର୍ଯ୍ୟନ୍ତ ତାଙ୍କ ସାମ୍ରାଜ୍ୟ ବ୍ୟାପୀ ରହିଥିଲା। ପୃଥିବୀର ୨୨% ଅଞ୍ଚଳରେ ତାଙ୍କ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ଥିଲା। ତେବେ ସେ କେବଳ ଜଣେ ଯୋଦ୍ଧାଭାବେ ନୁହେଁ, ଆଉ ଏକ କାରଣରୁ ବି ବେଶ୍ ଚର୍ଚ୍ଚିତ। ସେ ହେଉଛନ୍ତି ପୃଥିବୀର ସବୁଠାରୁ ଅଧିକ ସଂଖ୍ୟକ ସନ୍ତାନର ଜନକ। ବୋର୍ଟେ ଥିଲେ ତାଙ୍କର ମୁଖ୍ୟ ପତ୍ନୀ, ଯିଏକି ଚାରୋଟି ପୁତ୍ର ଓ ପାଞ୍ଚୋଟି ଝିଅଙ୍କୁ ଜନ୍ମ ଦେଇଥିଲେ। ବୋର୍ଟେଙ୍କର ଶେଷ ସନ୍ତାନ ଜନ୍ମ ପରେ ଚେଙ୍ଗେଜ ଯୁଦ୍ଧରେ ବିଭିନ୍ନ ରାଜ୍ୟର ରାଜାଙ୍କୁ ପରାସ୍ତକରି ସେହି ରାଜ୍ୟର ରାଜକୁମାରୀ, ରାଣୀମାନଙ୍କୁ ଉପପତ୍ନୀ କରି ଆଣିଥିଲେ। ଏହା ସେ ରାଜନୈତିକ ପ୍ରଭୁତ୍ୱ ହାସଲ କରିବା ପାଇଁ କରିଥିଲେ। ଚେଙ୍ଗେଜ୍‌ଙ୍କର ପ୍ରାୟ ୩୦୦୦ ସ୍ତ୍ରୀଙ୍କର ଏକ ହରମ ଥିଲା। ଆଉ ସେ ସବୁ ପତ୍ନୀଙ୍କ ସହ ସମ୍ପର୍କ ରଖିଥିଲେ। କିଛି ତଥ୍ୟରୁ ଜଣାପଡ଼େ ଚେଙ୍ଗେଜଙ୍କର ୧୦୦୦ରୁ ଊର୍ଦ୍ଧ୍ୱ ସନ୍ତାନ ଥିଲେ। ୨୦୦୩ ମସିହାରେ ହ୍ୟୁମାନ୍ ଜେନେଟିକ୍ସ ଉପରେ ଆମେରିକାର ଜର୍ନାଲରେ ପ୍ରକାଶ ପାଇଥିବା ଏକ ଅଧ୍ୟୟନ କହେ ଏବେ ବି ପୃଥିବୀରେ ଥିବା ୧.୬ କୋଟି ପୁରୁଷଙ୍କ ଭିତରେ ଚେଙ୍ଗେଜ୍ ଖାଁଙ୍କ ଡିଏନ୍ଏ ଅଛି। ଏହାର ଅର୍ଥ ହେଉଛି ପୃଥିବୀରେ ପ୍ରତ୍ୟେକ ୨୦୦ ଜଣଙ୍କ ମଧ୍ୟରୁ ଜଣେ ଚେଙ୍ଗେଜ୍ ଖାଁଙ୍କ ବଂଶଜ। ଆଉ ଏମାନେ ଋଷ୍, ପାକିସ୍ତାନ ଓ ଚାଇନାରେ ଅଛନ୍ତି।

